# ଏକକ-୬ ଲିଖନ





ସଂରଚନା


୬. ୦ - ଉପକ୍ରମ

୬.୧ - ଶିକ୍ଷଣ ଉଦ୍ଦେଶ୍ୟ

୬.୨ - ଲିଖନର ଅର୍ଥ କଣ ?

୬.୩ - ପ୍ରାରମ୍ଭିକ ଲିଖନ

୬.୩.୧ - ସୂକ୍ଷ୍ମ ପେଶୀଚାଳନା ଦକ୍ଷତା

୬.୩.୨ - ଅକ୍ଷର, ଶବ୍ଦ ଏବଂ ବାକ୍ୟ ସମୂହର ଲେଖା ଅଭ୍ୟାସ

୬.୪ - ସୁନ୍ଦର ହସ୍ତାକ୍ଷରର ଉପାଦାନ

୬.୪.୧ - ସ୍ପଷ୍ଟ ବନାମ ସୁନ୍ଦର ହସ୍ତାକ୍ଷର

୬.୪.୨ - ସୁନ୍ଦର ହସ୍ତାକ୍ଷର ପାଇଁ ପିଲାଙ୍କୁ ସାହାଯ୍ୟ କରିବା

୬.୪.୩- ହସ୍ତାକ୍ଷର ଓ ବ୍ୟକ୍ତିତ୍ୱ

୬.୪.୪-ପଠନଜନିତ ଅସୁବିଧା ଏବଂ ଅନ୍ୟାନ୍ୟ ଅକ୍ଷମତାର ସୂଚକ ଭାବେ ହସ୍ତାକ୍ଷର

୬.୫ - ସୁନ୍ଦର ହସ୍ତାକ୍ଷରର ବୈଶିଷ୍ଟ୍ୟ

୬.୫.୧ - ବ୍ୟାକରଣଗତ ଶୁଦ୍ଧ ଭାଷା

୬.୫.୨ - ପାଠକ ସାବଲିଳତା ଓ ସ୍ୱଚ୍ଛତାକୁ ମନରେ ରଖିବା

୬.୫.୩- ସରଳ ବନାମ ଆଳଙ୍କାରିକ ଭାଷା

୬.୬ - ନିମ୍ନ ଶ୍ରେଣୀଗୁଡିକରେ ଲିଖନ ଦକ୍ଷତାର ବିକାଶ କରିବା

୬.୭ - ଲିଖନର ଉଚ୍ଚତର ରୂପ

୬.୮ - ସାରାଂଶ

୬.୯ - ନିଜ ପ୍ରଗତିର ଆକଳନ ପାଇଁ ଆଦର୍ଶ ଉତ୍ତର

୬.୧୦-ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ

୬.୧୧-ପାଠାନ୍ତ ପ୍ରଶ୍ନାବଳୀ


## ୬.୦ ଉପକ୍ରମ

ପୂର୍ବ ଏକକରେ ଆମେ ଭାଷାର ତିନୋଟି ଦକ୍ଷତା-ଶ୍ରବଣ, କଥନ ଓ ପଠନ ଏବଂ ସେଗୁଡିକର ପରସ୍ପର ଉପରେ ନିର୍ଭରଶୀଳତା ସମ୍ପର୍କରେ ଜାଣିଲୁ । ପିଲାମାନଙ୍କ ମଧ୍ୟରେ ଲିଖନ ଦକ୍ଷତାର ପରିପ୍ରକାଶ ଶେଷରେ ସମ୍ପାଦିତ ହୋଇଥାଏ ଏବଂ ଏହା ଅନ୍ୟ ତିନୋଟି ଦକ୍ଷତା ଉପରେ ନିର୍ଭରଶୀଳ ଅଟେ । ଲିଖନରେ ଦକ୍ଷତା ହାସଲ କରିବା ପାଇଁ ଭାଷାରେ ଦୁଇଟି କାର୍ଯ୍ୟ- ଭାବ ବିନିମୟ ଓ ପରିପ୍ରକାଶ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଅଟେ ।

ଟିପ୍ପଣୀ

ଏହି ଏକକରେ ଆମେ ପିଲାଙ୍କ ଭିତରେ ଭାବ ବିନିମୟ ଓ ପରିପ୍ରକାଶ ଦକ୍ଷତାର ବିକାଶ କଥା କହିବା ଏବଂ ଉକ୍ତ ଦୁଇଟି କାର୍ଯ୍ୟ ପରିପ୍ରେକ୍ଷିରେ ଲେଖି ଶିଖିବା । ଫଳପ୍ରଦ ଭାବେ ଲେଖି ଶିଖିବା ପାଇଁ ନିର୍ଦ୍ଦିଷ୍ଟ କୌଶଳ ବିଷୟରେ ମଧ୍ୟ ସୂଚିତ କରାଯିବ । ଆମେ ଏଠାରେ ଉଲ୍ଲେଖ କରୁଛୁ ଯେ ଅନ୍ୟ ଦକ୍ଷତାଗୁଡିକ ପରି ଲିଖନ ଦକ୍ଷତା ମଧ୍ୟ ସାମଗ୍ରୀକ ବିକାଶ ଦୃଷ୍ଟିକୋଣରୁ ଦେଖାଯିବା ଆବଶ୍ୟକ । ଲେଖିବା ସମୟରେ ତୁମେ ଯାହା ଲେଖ ତାହାକୁ  ମଧ୍ୟ ପଢିଥାଅ ଏବଂ ଗୋଟିଏ ଅର୍ଥରେ ନିଜକୁ ନିଜେ କହିବା ଓ ଶୁଣିବା କାର୍ଯ୍ୟ ମଧ୍ୟ କରିଥାଅ ।

ଯଦି ପିଲାମାନଙ୍କ ପାଇଁ ଅଭିଜ୍ଞତା ଅର୍ଥପୂର୍ଣ୍ଣ ହୁଏ, ତେବେ ଶିକ୍ଷାଦାନ କେବଳ ଫଳପ୍ରଦ ହେବ । ଏହି ନୀତିର ଉପଯୋଗିତା ନିମ୍ନ ଶ୍ରେଣୀଗୁଡିକରେ ଅକ୍ଷର ଏବଂ ବ୍ୟାକରଣ ଶିକ୍ଷାଦାନ ତଥା ଉଚ୍ଚ ଶ୍ରେଣୀଗୁଡିକରେ ଅନ୍ୟ ବିଭିନ୍ନ ପ୍ରକାରର ଲିଖନ ପାଇଁ ରହିଅଛି । ଭୁଲ୍ ସଂଶୋଧନ ହସ୍ତାକ୍ଷର ଲିଖନ ଉପରେ ଗୁରୁତ୍ୱ, ଆଳଙ୍କରିକ ଭାଷାର ବ୍ୟବହାର ଇତ୍ୟାଦି ଭଳି ଅନେକ ଶ୍ରେଣୀଗୃହର କାର୍ଯ୍ୟ । ଲିଖନର ଅର୍ଥ ଓ ପଦ୍ଧତିକୁ ଦୃଷ୍ଟିରେ ରଖି ଏହି ଏକକରେ ଚର୍ଚ୍ଚା କରାଯିବ ।

## ୬.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକ ପଢି ତୁମେ :

- ଲିଖନର ଅର୍ଥ କଣ ତାହା ବୁଝିବା ଏବଂ ଶ୍ରବଣ, କଥନ ଓ ପଠନ ସହିତ ଏହାର ସମ୍ପର୍କ ବିଷୟରେ ଜାଣିବା ସହିତ ତୁମର ଏ ସମସ୍ତ ଦକ୍ଷତାକୁ ସାମଗ୍ରୀକ ଦୃଷ୍ଟିକୋଣରୁ ଦେଖିବାକୁ ସକ୍ଷମ ହେବ ।
- ସୁନ୍ଦର ଲିଖନର ଅର୍ଥ କଣ ବୁଝିପାରିବ ।
- ପିଲାମାନଙ୍କୁ ଲିଖନ ଶିକ୍ଷାଦାନ କ୍ଷେତ୍ରରେ ଶିକ୍ଷକଙ୍କର ଭୂମିକା ସମ୍ବନ୍ଧରେ ଜାଣିପାରିବ ।
- ବିଭିନ୍ନ ପ୍ରକାରର ଲେଖା ସମ୍ପର୍କରେ ଶିଖିପାରିବ ଏବଂ
- ଲିଖନ ଦକ୍ଷତା ବୃଦ୍ଧି ନିମିତ୍ତ ବ୍ୟବହାର ହେଉଥିବା ବିଭିନ୍ନ ପ୍ରକାର କାର୍ଯ୍ୟ ବିଷୟରେ ମଧ୍ୟ ଶିଖିପାରିବା ।

## ୬.୨ ଲିଖନର ଅର୍ଥ କଣ ?

ଲିଖନ ଶିକ୍ଷା ଭାଷାଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଅଟେ । ଲିଖନ ପ୍ରକ୍ରିୟାରେ ଏକାଧିକ ଦକ୍ଷତା ଏକା ସାଙ୍ଗରେ ବ୍ୟବହାର ହେବା ଏହାର ଏକ ମୁଖ୍ୟ କାରଣ ଅଟେ । ଲିଖନ ପାଇଁ ଜଣକୁ ପ୍ରଥମେ ସୂକ୍ଷ୍ମ ପେଶୀଚାଳନା ଦକ୍ଷତାଗୁଡିକୁ ସ୍ଥିର କରିବାକୁ ପଡିବ,  ଯାହା ଜଣକୁ କଲମ ବା ପେନସିଲ୍ ଧରି ଉଦ୍ଦେଶ୍ୟ ମୂଳକ ବିଭିନ୍ନ ଚିହ୍ନ ଅଙ୍କନ କରିବାରେ ସାହାର୍ଯ୍ୟ କରେ । ଏହା ପରେ ଜଣେ କଥନକୁ ଲିଖନରେ ପ୍ରକାଶ କରିବା ପାଇଁ ବ୍ୟବହାର ହେଉଥିବା ଚିହ୍ନଗୁଡିକ ଜାଣିବ ଏବଂ ଲେଖା ମାଧ୍ୟମରେ ଅନ୍ୟ ସହ ଭାବର ଆଦାନପ୍ରଦାନ ପାଇଁ ଭାଷାର ବ୍ୟବହାର ସମ୍ପର୍କୀୟ ଦକ୍ଷତା ହାସଲ କରିବ ।

ଲିଖନ କଣ ? ଅଭିଧାନ ଅନୁସାରେ ଏକ ସ୍ଥାନରେ ଅନ୍ୟ ଜଣେ ବ୍ୟକ୍ତି ବୁଝିପାରୁଥିବା ପରି ଚିହ୍ନ ଆଙ୍କିବାକୁ ଲିଖନ କୁହାଯାଏ । ଯଦିଓ ଏହି ସଂଜ୍ଞା ଖୁବ୍ ସରଳ ଅଟେ ଏହା ଆମର ଦୈନନ୍ଦିନ ଜୀବନରେ ବ୍ୟବହାର କରାଯାଉଥିବା ଏହି ଶବ୍ଦଟିର ସୂକ୍ଷ୍ମ ବ୍ୟାଖ୍ୟାକୁ ଉପେକ୍ଷା କରେ । ଉଦାହରଣସ୍ୱରୂପ ଏହି ସଂଜ୍ଞା





ଭାଷା ଏବଂ ଲିଖନ ମଧ୍ୟରେ ଥିବା ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ବିଷୟରେ ଉଲ୍ଲେଖ କରୁନାହିଁ । କାରଣ ଏହା କେବଳ ଜଣେ ବ୍ୟକ୍ତି ଛବି ଆଙ୍କିବା କଥା କହୁଛି । ଆହୁରି ମଧ୍ୟ ଏହି ଛବି ସବୁ ବହୁ ଲୋକଙ୍କ ଦ୍ୱାରା ବୁଝି ହେଉଥିବା କଥା କହୁଅଛି । କିନ୍ତୁ ଏହାକୁ ଆମେ ଲିଖନ କହିପାରିବା ନାହିଁ ।

ଏହି ଅଭିଧାନ ବର୍ଣ୍ଣିତ ସଂଜ୍ଞା କଥନ ଓ ଲିଖନ ମଧ୍ୟରେ ଥିବା ସମ୍ପର୍କ ବିଷୟକୁ ମଧ୍ୟ ଉପେକ୍ଷା କରୁଅଛି । କଥନ ଏବଂ ଲିଖନର ସୃଷ୍ଟି ଉଲ୍ଲେଖନୀୟ ଭାବେ ଭିନ୍ନଭିନ୍ନ ସମୟରେ ହୋଇଅଛି । ମଣିଷର ଭାଷା ପ୍ରକୃତରେ କେବେ ବିକାଶ ଲାଭ କଲା ତାହା ସ୍ପଷ୍ଟ ଭାବେ କହି ହେବ ନାହିଁ । ସମ୍ଭବତଃ କଥନ ପାଇଁ ଆବଶ୍ୟକ ହେଉଥିବା ଇନ୍ଦ୍ରିୟ ସବୁ ୧.୫ ନିୟୁତ ବର୍ଷ ପୂର୍ବରୁ ବିକଶିତ ହୋଇଥିଲା । ଏ ସମ୍ପର୍କରେ ଭିନ୍ନଭିନ୍ନ ଅନୁମାନ କରାଯାଇଅଛି । ତେବେ ହିସାବ କରି କୁହାଯାଇଅଛି କି କଥନ ଭାଷାର ସୃଷ୍ଟି ଏକ ନିୟୁତ(୧୦ ଲକ୍ଷ) ବର୍ଷ ପୂର୍ବରୁ ଏବଂ ଲିଖନ ଭାଷାର ସୃଷ୍ଟି ପାଖାପାଖି ୫ ହଜାର ବର୍ଷ ପୂର୍ବରୁ ହୋଇଅଛି । ପୃଥିବୀର ସମସ୍ତ ଗୋଷ୍ଠୀର ବ୍ୟକ୍ତିଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା କଥିତ ଭାଷା ଲିଖିତ ଭାଷା ପୂର୍ବରୁ ସୃଷ୍ଟି ହୋଇଛି । ଆଜି ଦିନରେ ମଧ୍ୟ ପୃଥିବୀର ଅନେକ ଗୋଷ୍ଠୀର ଲୋକ ଅଛନ୍ତି ଯେଉଁମାନେ କେବଳ କଥନ ମାଧ୍ୟମରେ ହିଁ ଭାବର ଆଦନାପ୍ରଦାନ କରିଥାନ୍ତି । ତେବେ ସମୟକ୍ରମେ ଯେତେବେଳେ ପରିବାରର ଆକାର ବୃଦ୍ଧି ହେଲା । ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ ପାଇଁ ଲିଖିତ ଭାଷାର ସୃଷ୍ଟି ହେଲା । ଗୋଟିଏ ଗୋଷ୍ଠୀର ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଅଥବା ଏକାଧିକ ଗୋଷ୍ଠୀର ବ୍ୟକ୍ତିଙ୍କ ମଧ୍ୟରେ ହେଉଥିବା କଥୋପକଥନକୁ ତଥା ଜମିଜମା, ରାଜସ୍ୱ ଓ ବ୍ୟବସାୟ ସମ୍ପର୍କିତ ସମସ୍ତ ତଥ୍ୟକୁ ଲିପିବଦ୍ଧ କରି ରଖିବାର ଆବଶ୍ୟକତା ପଡିଲା । ଖୁବ୍ ସମ୍ଭବତଃ ଲିଖନ ପଦ୍ଧତିର ସୃଷ୍ଟି ଏହିପରି ଭାବରେ ଧୀରେଧୀରେ ବିକଶିତ ହୋଇଥିଲା ।

ଲିଖନ ଏକ ମାଧ୍ୟମ ଯାହା କୌଣସି ବ୍ୟକ୍ତି ଦ୍ୱାରା କୁହାଯାଉଥିବା କଥାକୁ ପ୍ରକାଶ କରିଥାଏ । ତେଣୁ ଏହା ଏକ ନୂତନ ଭାଷାକୁ ଚିତ୍ରିତ କରେ ନାହିଁ । ବରଂ କୁହାଯାଇପାରେ ଯେ ଏହା କଥନର ଭାଷାକୁ ଚିତ୍ରିତ/ପ୍ରକାଶ କରିବାର ଏକ ମାଧ୍ୟମ ମାତ୍ର । ତଥାପି ଏ ଦୁଇଟି ଭାବ ପ୍ରକାଶର ମାଧ୍ୟମ(କଥନ ଓ ଲିଖନ) ମଧ୍ୟରେ କିଛି ଭିନ୍ନତା ରହିଛି । ପ୍ରଥମତଃ ଲିଖିତ ଶବ୍ଦ କଥିତ ଶବ୍ଦଠାରୁ ଅଧିକ ସ୍ଥାୟୀ ଅଟେ । କଥିତ ଶବ୍ଦ ସେତିକି ସମୟ ପର୍ଯ୍ୟନ୍ତ ସ୍ଥାୟୀ ହୋଇଥାଏ ଯେ ପର୍ଯ୍ୟନ୍ତ କଥାର ସ୍ୱର ଶୁଭୁଥାଏ, ମାତ୍ର ଲିଖିତ ବସ୍ତୁ ସାଧାରଣତଃ ସେ ପର୍ଯ୍ୟନ୍ତ ସ୍ଥାୟୀ ହୋଇ ରହିଥାଏ, ଯେ ପର୍ଯ୍ୟନ୍ତ ଲେଖାଯାଇଥିବା ବସ୍ତୁଟି ସୁରକ୍ଷିତ ହୋଇ ରହିଥାଏ । ଏହିପରି ଭାବରେ କଥନ ଶବ୍ଦଗୁଡିକ ସ୍ପର୍ଶବୋଧାତୀତ, ଅଦୃଶ୍ୟ ଏବଂ ଅସ୍ଥାୟୀ । ମାତ୍ର ଲିଖିତ ଶବ୍ଦଗୁଡିକ ସ୍ପର୍ଶନୀୟ, ଦୃଶ୍ୟମାନ ଏବଂ ସ୍ଥାୟୀ । ଦ୍ୱିତୀୟତଃ କଥା କହୁଥିଲାବେଳେ ଅନେକ ସମୟରେ ଶ୍ରୋତା ଆମ ଆଗରେ ଥାଆନ୍ତି କଥା କହିଲା ବେଳେ ଆମେ ଶବ୍ଦ ସହିତ ଅଙ୍ଗଭଙ୍ଗୀର ବ୍ୟବହାର କରିଥାଉ । ତତ୍‌ସହିତ କଣ୍ଠସ୍ୱର ପରିବର୍ତ୍ତନର ପ୍ରଭାବ ମଧ୍ୟ କଥା ଉପରେ ରହିଥାଏ । ଯେଉଁ ବିଷୟବସ୍ତୁକୁ ନେଇ କଥୋପକଥନ ସଂଗଠିତ ହୋଇଥାଏ, ତାହା ଶୁଣିବା ଓ କହିବା ଲୋକ ଉଭୟଙ୍କ ପାଇଁ ବୋଧଗମ୍ୟ ହେବା ଆବଶ୍ୟକ । ତେଣୁ କଥାରେ ବ୍ୟବହୃତ ହେଉଥିବା ବାକ୍ୟ ଲେଖାରେ ବ୍ୟବହୃତ ବାକ୍ୟଠାରୁ ଭିନ୍ନ ଅଟେ । ତୃତୀୟତଃ କଥା କହୁଥିବା ବେଳେ ଆମେ ନିଜର ଭୁଲ୍‌କୁ ସଙ୍ଗେସଙ୍ଗେ ସଂଶୋଧନ କରିପାରୁ, ଯାହା ଦ୍ୱାରା ପରସ୍ପରକୁ ଭୁଲ ବୁଝିବାର ପରିସ୍ଥିତି ଉପୁଜି ନଥାଏ । କିନ୍ତୁ ଲେଖା କ୍ଷେତ୍ରରେ ଏପରି ସୁଯୋଗ

ନଥାଏ । ପ୍ରସିଦ୍ଧ ଲେଖକ ପ୍ରେମଚାନ୍ଦଙ୍କ ଭାଷାରେ, 'କଥା କହିବା ବେଳେ ଜିହ୍ଵା ଅଟକି ଯାଏନାହିଁ କିନ୍ତୁ ଲେଖିଲା ବେଳେ ହାତ ଅଟକି ଯାଏ ।' ସୌଭାଗ୍ୟକୁ ଲେଖିବା ସମୟରେ ଆମ ପାଖରେ ଅଧିକ ସମୟ ବିନିଯୋଗ କରିବାର ସୁଯୋଗ ଥାଏ, ମାତ୍ର କଥା କହିବା ବେଳେ ସେ ସୁଯୋଗ ନଥାଏ । ଏହିପରି ଭାବରେ ଲେଖିବା ସମୟରେ ନିଜ ଲେଖିଥିବା ବାକ୍ୟର ଉନ୍ନତି ଆଣିବା ପାଇଁ ଆବଶ୍ୟକ ସ୍ଥଳେ ବାକ୍ୟକୁ ସଂଶୋଧନ କରିବାର ସୁଯୋଗ ରହିଥାଏ । ଏଣୁ କଥା କହିବା ଅପେକ୍ଷା ତୁଳନାତ୍ମକ ଭାବରେ ଲେଖିବା ଅଧିକ ଜଟିଳ କାର୍ଯ୍ୟ ଅଟେ ।

ଚତୁର୍ଥତଃ, କଥିତ ଭାଷା କ୍ରମାଗତ ଭାବରେ ପରିବର୍ତ୍ତିତ ହେଉଥିବା ବେଳେ ଲିଖିତ ଭାଷା ଧୀରେଧୀରେ ପରିବର୍ତ୍ତିତ ହୋଇଥାଏ । କାରଣ ଏଠାରେ ଗଠନର ସୁରକ୍ଷା ପାଇଁ ଯଥେଷ୍ଟ ସାମାଜିକ ଚାପ ରହିଥାଏ । ଉଦାହରଣସ୍ଵରୂପ ହିନ୍ଦୀ ଲେଖାରେ ' ?' ର ବ୍ୟବହାର ହୋଇଥାଏ, ମାତ୍ର ଆମେ କ୍ଵଚିତ୍ ଲୋକଙ୍କୁ ଦେଖୁ ଯେଉଁମାନେ କି ତାହାକୁ ' ?' ଏହା ଅପେକ୍ଷା ଭିନ୍ନ ଭାବରେ ଉଚ୍ଚାରଣ କରିଥାନ୍ତି । ସେହିପରି ଭାବେ ' ?' ର ଉଚ୍ଚାରଣ ' ?'ର ଉଚ୍ଚାରଣଠାରୁ ଅଲଗା ଜଣାପଡେ ନାହିଁ । ସମାନ ଭାବରେ ଇଂରାଜୀ ଭାଷାରେ (bus),(cup),(but), ଶବ୍ଦଗୁଡ଼ିକରେ 'u' ଅକ୍ଷର ବ୍ୟବହାର ହୋଇଅଛି ଏବଂ କୌଣସି ଏକ ସମୟରେ ସେଗୁଡ଼ିକ (u) ବ୍ୟବହାର ସହିତ ଉଚ୍ଚାରିତ ହେଉଥିଲା । ସେହିପରି ଭାବରେ (shut), (butter), (crush) ଏବଂ (drum) ଭଳି ଶବ୍ଦଗୁଡ଼ିକ ମଧ୍ୟ ଉଚ୍ଚାରିତ ହୋଇଥାଏ । ଲେଖା ଶିକ୍ଷା କରୁଥିବା ପିଲାଙ୍କ ପାଇଁ ଏହି କଥାଟି ଗୁରୁତ୍ଵପୂର୍ଣ୍ଣ ଅଟେ । ପ୍ରାରମ୍ଭରେ ଲେଖିବାକୁ ଚେଷ୍ଟା କରୁଥିବା ପିଲାଙ୍କୁ ଶବ୍ଦ ଗୁଡ଼ିକର ଉଚ୍ଚାରଣ ଅନୁସାରେ ଲେଖିବାକୁ କୁହାଯାଇଥାଏ । ମାତ୍ର ଉଚ୍ଚାରଣ ସହିତ ଲେଖିବାର ଗ୍ରହଣଯୋଗ୍ୟ ପଦ୍ଧତି ଯଦି ସମାନ ନ ହୁଏ, ତେବେ ପିଲାଟି ଲେଖିବା ବେଳେ ଭୁଲ କରିବାର ସମ୍ଭାବନା ରହିଥାଏ । ଏପରି ଭୁଲଗୁଡ଼ିକ ଶିକ୍ଷଣ ପ୍ରକ୍ରିୟାରେ ସୋପାନଗୁଡ଼ିକୁ ପ୍ରଦର୍ଶିତ କରିଥାଏ ।

## ନିଜ ପ୍ରଗତିକୁ ପରଖି ଦେଖ -୧

୧. ଲିଖନ ଏକ ମାଧ୍ୟମ ଯାହାକି:

- କ) ଏକ ନୂଆ ଭାଷାକୁ ପ୍ରଦର୍ଶିତ କରିଥାଏ ।
- ଖ) ସମାନ ଭାଷାକୁ ଭିନ୍ନ ରୂପରେ ପ୍ରଦର୍ଶିତ କରିଥାଏ ।
- ଗ) ଲିଖନ ଶିକ୍ଷା ଦେଇଥାଏ ।
- ଘ) ପଠନ ଶିକ୍ଷା ଦେଇଥାଏ ।

୨. ଲିଖନ ପାଇଁ ଜଣେ ବ୍ୟକ୍ତିଙ୍କର କି କି ଦକ୍ଷତାର ଆବଶ୍ୟକତା ପଡିଥାଏ ?

..........................................................................................

..........................................................................................

..........................................................................................

୩. କଥିତ ଭାଷା ଓ ଲିଖିତ ଭାଷା ମଧ୍ୟରେ ପାର୍ଥକ୍ୟ କଣ ? ଏମାନଙ୍କ ମଧ୍ୟରୁ କିଏ ଅଧିକ ପରିବର୍ତ୍ତନ ପ୍ରବଣ ଅଟେ ?

...........................................................................................................

...........................................................................................................

...........................................................................................................

୪. ଜଣକୁ ଗୋଟିଏ ଅନୁଚ୍ଛେଦ ପଢିବାକୁ କୁହ । ତା ପରେ ସେମାନଙ୍କୁ ଅନୁଚ୍ଛେଦ ସମ୍ପର୍କରେ ଯାହା ବୁଝିଲେ ତାକୁ ଲେଖିବାକୁ କୁହ । ଲେଖିବା ସମୟରେ ସେମାନେ ଯେଉଁ ଅସୁବିଧାର ସମ୍ମୁଖୀନ ହେଲେ ଏବଂ ଯେଉଁସବୁ ଭୁଲ୍ କଲେ ତାହାକୁ ବିଶ୍ଳେଷଣ କର ।

...........................................................................................................

...........................................................................................................

...........................................................................................................

## ୬.୩ ପ୍ରାରମ୍ଭିକ ଲିଖନ

### ୬.୩.୧ ସୂକ୍ଷ୍ମ ପେଶୀଚାଳନାଗତ ଦକ୍ଷତା

ପିଲାଟିଏ ଲେଖି ଶିଖିବା ପୂର୍ବରୁ ତା ପାଇଁ ସୂକ୍ଷ୍ମ ପେଶୀଚାଳନାଗତ ଦକ୍ଷତା ବିକାଶ କରିବା ଆବଶ୍ୟକ (ଧରିବାର ଦକ୍ଷତା) । ତାକୁ ଏହି ଦକ୍ଷତା ହାସଲ କରିବା ପାଇଁ ଉତ୍ସାହିତ କରିବାକୁ ହେଲେ ସେମାନଙ୍କୁ ସେମାନଙ୍କର ପସନ୍ଦର କଠିନ ବସ୍ତୁଗୁଡିକୁ ଦକ୍ଷତାର ସହିତ ହାତରେ ଚଳାଇବାକୁ ଅନୁମତି ଦେବା ଦରକାର । ସେହି କଠିନ ବସ୍ତୁଗୁଡିକୁ ଧରିବା, ବୁଲାଇବା, ମୋଡିବା ଓ ସେଗୁଡିକୁ ନେଇ ଖେଳିବା ଦ୍ୱାରା ପିଲାଟି ହାତର ସଞ୍ଚାଳନା ଶକ୍ତି ବା ଦକ୍ଷତା ବୃଦ୍ଧି ଘଟିଥାଏ । ଏତତ୍ ବ୍ୟତୀତ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଯାହା ପିଲାକୁ ଆନନ୍ଦ ପ୍ରଦାନ କରିଥାଏ ଓ ଯାହା ସୁଲିଖନ ପାଇଁ ଅତ୍ୟନ୍ତ ଆବଶ୍ୟକ ତାହା ହେଲା ଚିତ୍ରାଙ୍କନ । ତେଣୁ ପିଲାମାନଙ୍କୁ ବିଭିନ୍ନ ଚିତ୍ର ଅଙ୍କନ କରିବାକୁ ଉତ୍ସାହିତ କରିବା ଆବଶ୍ୟକ । ପିଲାଟିଏ ପ୍ରଥମେ ପ୍ରଥମେ ଆଙ୍କୁଥିବା ଚିତ୍ରଗୁଡିକ ଅର୍ଥହୀନ ଗାରପରି ଲାଗୁଥିଲେ ବି ପରବର୍ତ୍ତୀ ସମୟରେ ସେଗୁଡିକ ବୋଧଗମ୍ୟ ଆକୃତି ଓ ଚିତ୍ର ରୂପେ ବିକଶିତ ହୋଇଥାଏ । ଚିତ୍ରାଙ୍କନ ବ୍ୟତୀତ ଅନ୍ୟ କେତେକ କାର୍ଯ୍ୟ ଯାହା ଲେଖିବା ନିମିତ୍ତ ପେଶୀଚାଳନାଗତ ଦକ୍ଷତାକୁ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ, ସେଗୁଡିକ ହେଲା ଗୋଟିଏ ପାତ୍ରରେ ପାଣିଢାଳିବା, ସଚ୍ଛିଦ୍ର କାଠ ବା କାଚର ଗୋଲିକୁ ସୂତାରେ ଗୁନ୍ଥିବା, ଚକଟା ହୋଇଥିବା ମଇଦା ବା ଅଟା, ଚୂନା ବା କାଦୁଅରେ ବିଭିନ୍ନ ଦ୍ରବ୍ୟ ତିଆରି କରିବା ଇତ୍ୟାଦି । ପିଲାର ଘରୋଇ ପରିବେଶ ତାକୁ ଏଭଳି କାର୍ଯ୍ୟରେ ନିୟୋଜିତ କରିବାରେ ଯଥେଷ୍ଟ ସୁଯୋଗ ପ୍ରଦାନ କରିଥାଏ । ମାତ୍ର ଏହା ସବୁ କ୍ଷେତ୍ରରେ ସମ୍ଭବ ହୋଇ ନଥାଏ । ଏଣୁ ବିଦ୍ୟାଳୟରେ ଆବଶ୍ୟକ ସ୍ଥଳେ ପିଲାମାନଙ୍କୁ ଏପରି କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଶିକ୍ଷକମାନେ ସାହାଯ୍ୟ କରିବା ଆବଶ୍ୟକ ।

ଟିପ୍ପଣୀ

## ୬.୩.୨ ଅକ୍ଷର, ଶବ୍ଦ ଏବଂ ବାକ୍ୟ ସମୂହରେ ଲେଖା ଅଭ୍ୟାସ

ଏହା ବିଶ୍ୱାସ କରାଯାଏ ଯେ ଅକ୍ଷର ଏବଂ ପରେ ଶବ୍ଦ ଲେଖିବାର ବାରମ୍ବାର ଅଭ୍ୟାସ ବାକ୍ୟ ଲେଖିବାର ଦକ୍ଷତା ବୃଦ୍ଧିରେ ସହାୟକ ହୋଇଥାଏ । ଅବଶ୍ୟ ଏହା କିଛି ମାତ୍ରାରେ ସତ୍ୟ ଅଟେ କିନ୍ତୁ ଯଦି ପିଲାମାନଙ୍କୁ ଅକ୍ଷର ଓ ଶବ୍ଦଗୁଡିକୁ ବାରମ୍ବାର ଲେଖିବା ଭଳି ବିରକ୍ତକର କାର୍ଯ୍ୟ କରିବାକୁ ବାଧ୍ୟ କରାଯାଏ ସେମାନେ ପ୍ରକୃତ ଲେଖା ଆରମ୍ଭ କରିବା ପୂର୍ବରୁ ଲେଖା ପ୍ରତି ବିତସ୍ପୃହ ହେବେ । ତେଣୁ ପ୍ରଥମେ ଲେଖା ଶିକ୍ଷା କରିବା ସମୟରେ ଅକ୍ଷର ବା ବର୍ଣ୍ଣମାଳା ଶିକ୍ଷାର ଆବଶ୍ୟକତା ରହିଛି କିନ୍ତୁ ତାହା ପିଲାମାନଙ୍କ ପାଇଁ ନିରର୍ଥକ ହୁଏ, ଯଦି ସେମାନଙ୍କୁ ଧାରଣା ଦିଆ ନଯାଏ ।

ପିଲାମାନଙ୍କୁ ଲେଖି ଶିଖିବା ସମ୍ପର୍କରେ ଶିକ୍ଷା ଦେଲା ବେଳେ ଦୁଇଟି କଥାର ଯଥେଷ୍ଟ ଗୁରୁତ୍ୱ ରହିଥାଏ । ପିଲାଙ୍କର ଦକ୍ଷତାକୁ ଓ ସମ୍ମାନ ଦେବା ଅର୍ଥପୂର୍ଣ୍ଣ ଶିକ୍ଷଣ ପରିବେଶ ସୃଷ୍ଟି କରିବା ଯେଉଁଠି ସେମାନେ ଭଲ ଭାବରେ ଶିକ୍ଷା ଲାଭ କରିପାରିବେ । ଏହା ଏକ ପ୍ରଶଂସା ଯୋଗ୍ୟ କଥା ଯେ ଭାଷା ଶିକ୍ଷା ପାଇଁ ପିଲାର ଯଥେଷ୍ଟ ଅନ୍ତର୍ନିହିତ ଦକ୍ଷତା ରହିଛି । ସେମାନେ ସେମାନଙ୍କର ନିଜ ଭାଷା ସ୍ୱାଭାବିକ ଭାବରେ କଥନ ଓ ଶ୍ରବଣ ସଂପର୍କିତ ଅର୍ଥପୂର୍ଣ୍ଣ ସାମଜିକ ଅଭିଜ୍ଞତା ମାଧ୍ୟମରେ ଶିଖିଥାଏ । ସେହିପରି ସେମାନେ ଲିଖନର ନିୟମଗୁଡିକୁ ବିଭିନ୍ନ ଲିଖିତ ଜିନିଷ ଆଧାରିତ ଅର୍ଥପୂର୍ଣ୍ଣ ଅଭିଜ୍ଞତା ମାଧ୍ୟମରେ ଆୟତ କରିଥାନ୍ତି । ଶିକ୍ଷାଦାନ ସମୟରେ ଆମର ଧାରଣା ଥାଏ ଯେ ପିଲାମାନଙ୍କୁ ସମସ୍ତ କଥା ନ କହିଲେ ସେମାନେ କିଛି ବୁଝି ପାରିବେ ନାହିଁ । ମାତ୍ର ତାହା ସତ୍ୟ ନୁହେଁ । ଏପରି ମାନସିକତାକୁ ପରିତ୍ୟାଗ କରି ଆମକୁ ପିଲାଙ୍କ ମଧ୍ୟରେ ଥିବା ଦକ୍ଷତାକୁ ସମ୍ମାନ ଦେବାକୁ ପଡିବ । ସ୍କୁଲକୁ ଆସିବା ପୂର୍ବରୁ ଲିଖନ କାର୍ଯ୍ୟ କରିପାରିବାର ଅନନ୍ୟ ଦକ୍ଷତା ରହିଛି । ବାଲି, ଚଟାଣ ବା କାଗଜ ଉପରେ ନାନା ପ୍ରକାର ଆକୃତି ଓ ଚିହ୍ନ ଅଙ୍କନ କରି ତା' ବିଷୟରେ ଗପଟିଏ ଲେଖିବା ପିଲାମାନଙ୍କ ପାଇଁ ସାଧାରଣ କଥା ଅଟେ । ସେମାନଙ୍କ ପାଇଁ ଚିତ୍ରଗୁଡିକ ଅର୍ଥହୀନ ନୁହେଁ ବରଂ ସେଗୁଡ଼ିକ ଏକ ଅଦ୍ୱିତୀୟ ଲିପି ପ୍ରଦର୍ଶନ କରିଥାନ୍ତି ଯାହା ମାଧ୍ୟମରେ ସେମାନେ ଚାହୁଁଥିବା କଥାକୁ ପରିପ୍ରକାଶ କରିଥାନ୍ତି । ପିଲାମାନଙ୍କୁ ସେମାନଙ୍କର ଦକ୍ଷତାର ପୂର୍ଣ୍ଣ ବିନିଯୋଗ କରିବାର ସୁଯୋଗ ଦିଆଯିବା ଉଚିତ୍ । ଛୋଟ ଛୋଟ ଜ୍ଞାନକୁ ଏକତ୍ର କରି ପୂର୍ଣ୍ଣ ଜ୍ଞାନ ଲାଭ କରିବା ବଦଳରେ ବାସ୍ତବରେ ଏହାର ବିପରୀତ କଥାଟି ଘଟିଥାଏ । ପ୍ରଥମେ ପୂର୍ଣ୍ଣ ଛବିଟି ତିଆରି ହେଲାପରେ ନିର୍ଦ୍ଦିଷ୍ଟ ଅଂଶଗୁଡ଼ିକ ବିଭିନ୍ନ ଭାବରେ ବୋଧଗମ୍ୟ ହୋଇଥାଏ । ଏକ ଅର୍ଥ ପୂର୍ଣ୍ଣ ସମୁଦାୟ କଥା ପ୍ରଦତ୍ତ ନଥିଲେ ବର୍ଣ୍ଣମାଳାର ଅଲଗା ଅଲଗା ଅକ୍ଷରର ଅର୍ଥ କିଛି ନଥାଏ । ଯଥାକ୍ରମେ ଏହା ଏପରି ଏକ ଦୃଷ୍ଟିଭଙ୍ଗୀ ତିଆରି କରେ ଯାହା ପିଲାକୁ ଲିଖନ କାର୍ଯ୍ୟ ପ୍ରତି ବିମୁଖ କରିଥାଏ ।

## ନିଜ ପ୍ରଗତିକୁ ପରଖି ଦେଖ -୨

**୧. ସମ୍ବନ୍ଧ ପ୍ରକ୍ରିୟା କିପରି ସଂଗଠିତ ହୁଏ ?**

(କ) ଛୋଟ ଛୋଟ କଥାକୁ ଏକତ୍ର କରି ପୂର୍ଣ୍ଣ କଥାକୁ ଜାଣିବା ଦ୍ୱାରା ।

(ଖ) ପ୍ରଥମେ ପୂର୍ଣ୍ଣାଙ୍ଗ ଛବି ଗଠନ କରି ନିର୍ଦ୍ଦିଷ୍ଟ ଛବିକୁ ଗ୍ରହଣ କରିବା ଦ୍ୱାରା ।

(ଗ) ସ୍ମରଣ କରିବା ଦ୍ୱାରା

(ଘ) ଛବି ଆଙ୍କିବା ଦ୍ୱାରା

୨. ବିଦ୍ୟାଳୟକୁ ଯିବା ପୂର୍ବରୁ ପିଲାମାନଙ୍କ ଦ୍ୱାରା କେଉଁ ଚିହ୍ନ ଓ ଛବି ଅଙ୍କନ ହୋଇଥିଲା ସେ ବିଷୟରେ ଆମକୁ କୁହନ୍ତୁ ?

..........................................................................................................

..........................................................................................................

..........................................................................................................

୩. ସୂକ୍ଷ୍ମପେଶୀ ଚାଳନାଗତ ଦକ୍ଷତା କହିଲେ ଆମେ କ'ଣ ବୁଝୁ ? ପିଲାମାନଙ୍କ ମଧ୍ୟରେ ଏହିଗୁଡ଼ିକ କିପରି ବିକଶିତ ହୋଇପାରିବ ?

..........................................................................................................

..........................................................................................................

..........................................................................................................

୪. ବର୍ଣ୍ଣମାଳାକୁ ବାରମ୍ବାର ଲେଖିବା ଅଭ୍ୟାସ ମାଧ୍ୟମରେ ଲିଖନ ଶିକ୍ଷା ଆରମ୍ଭ କରିବା ଦ୍ୱାରା କ'ଣ ସମସ୍ୟା ହୁଏ ?

..........................................................................................................

..........................................................................................................

..........................................................................................................

## ୬.୪ ସୁନ୍ଦର ହସ୍ତାକ୍ଷରର ଉପାଦାନ

ପିଲାଟିଏ ଲେଖି ଶିଖିବା ଆରମ୍ଭ କରିବା ଦିନ ଠାରୁ ଆମେ ତାର ହସ୍ତାକ୍ଷରର ଗୁଣବତ୍ତାକୁ ପ୍ରାଧାନ୍ୟ ଦେଇଥାଉ । ପିଲାର ଲେଖାର ସ୍ୱଚ୍ଛତା ଅପେକ୍ଷା ତାର ଲେଖାର ଅର୍ଥ ଅଧିକ ଗୁରୁତ୍ୱପୂର୍ଣ୍ଣ । ପିଲା ହୁଏତ ଲେଖା ହୋଇଥିବା ଶବ୍ଦକୁ ଅନୁକରଣ କରି ସୁନ୍ଦର ଭାବରେ ଲେଖିପାରେ ମାତ୍ର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଲା ସେ ଯାହା ଲେଖିଲା ତା'ର ଅର୍ଥ ବୁଝି ପାରିଛି କି ନାହିଁ ?

### ୬.୪.୧ ସ୍ୱଚ୍ଛତା ବନାମ ସୁନ୍ଦର ହସ୍ତାକ୍ଷର

ପ୍ରାଥମିକ ଶ୍ରେଣୀରେ ଶିକ୍ଷକ ସୁନ୍ଦର ହସ୍ତାକ୍ଷର ଏବଂ ସୁଗଠିତ ଅକ୍ଷର ଉପରେ ଗୁରୁତ୍ୱ ଦେଇଥାନ୍ତି । ମାତ୍ର ଏହା ଅପେକ୍ଷା ପିଲାର ଲେଖା ଅର୍ଥପୂର୍ଣ୍ଣ ହେବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଲେଖାର ପ୍ରକୃତ ସୁନ୍ଦରତାର ପରୀକ୍ଷା ତାହା କେତେ ଅର୍ଥପୂର୍ଣ୍ଣ ସେଇଥିରୁ ହିଁ ଜଣାପଡ଼ିଥାଏ । ସୁନ୍ଦର ହସ୍ତାକ୍ଷର ସହଜରେ ଲେଖାଟିଏ ପଢ଼ିବା ପାଇଁ ସାହାଯ୍ୟ

ଟିପ୍ପଣୀ

କରିଥାଏ ବୋଲି ତାହା ପ୍ରଶଂସିତ ହୋଇଥାଏ । ସୁନ୍ଦର ହସ୍ତାକ୍ଷର କିନ୍ତୁ ଲିଖନ ଦକ୍ଷତାର ମାପକାଠି ନୁହେଁ । ଯଦି ବ୍ୟକ୍ତିର ହସ୍ତାକ୍ଷର ସୁନ୍ଦର ହେବାର ଅର୍ଥ ନୁହେଁ ଯେ ତାଙ୍କର ଭାଷାରେ ଦକ୍ଷତା ସେହି ପରିମାଣରେ ଭଲ । ସେହିପରି ଭାବରେ ଜଣଙ୍କର ଖରାପ ହସ୍ତାକ୍ଷର ଅର୍ଥ ନୁହେଁ ଯେ ତାଙ୍କ ଭାଷାର ଦକ୍ଷତା ସମାନ ଭାବରେ ଖରାପ । ଶିକ୍ଷକ ଏହା ପ୍ରଶଂସା କରିବା ଆବଶ୍ୟକ ଯେ ସମସ୍ତଙ୍କୁ ଏକା ପ୍ରକାରର ଶିକ୍ଷା ପ୍ରଦାନ କରିଥିଲେ ମଧ୍ୟ ସମସ୍ତ ପିଲା ନିଜ ନିଜର ସ୍ୱତନ୍ତ୍ର ହସ୍ତାକ୍ଷର ବିକାଶିତ କରିଥାନ୍ତି । ତେଣୁ ଅକ୍ଷରର ଆକାର ଉପରେ ଗୁରୁତ୍ୱ ଦେବାଠାରୁ ଲେଖାର ଅର୍ଥ ବା ସନ୍ଦେଶ ଉପରେ ଅଧିକ ଗୁରୁତ୍ୱ ଦିଆଯିବ ଆବଶ୍ୟକ ।

### ୬.୪.୨-ସୁନ୍ଦର ହସ୍ତାକ୍ଷର ପାଇଁ ପିଲାଙ୍କୁ ସାହାଯ୍ୟ କରିବା

ସୂକ୍ଷ୍ମ ପେଶୀଚାଳନାଗତ ଦକ୍ଷତା, ଚକ୍ଷୁ ଦ୍ୱାରା ଦୃଷ୍ଟ ଅନୁଭୂତି, ହସ୍ତର ନିୟନ୍ତ୍ରଣ, ପେନସିଲ୍ ଧରିବା ଏବଂ ସ୍କନ୍ଧର ସ୍ଥିରତା ରକ୍ଷା କରିବା ଭଳି ବିଭିନ୍ନ ପ୍ରକାର କାର୍ଯ୍ୟ ଦ୍ୱାରା ଲିଖନ ପାଇଁ ମୌଳିକ ଆବଶ୍ୟକତା ବିକାଶ ମାଧ୍ୟମରେ ପିଲାମାନଙ୍କର ହସ୍ତାକ୍ଷର ସୁନ୍ଦର କରିବାକୁ ସାହାଯ୍ୟ କରାଯାଇପାରେ । କେତେକ ନିର୍ଦ୍ଦିଷ୍ଟ ଅକ୍ଷର ଲେଖିବା ପାଇଁ ଶିକ୍ଷା ଦେବା ସମୟରେ ଶିକ୍ଷକ ବିଭିନ୍ନ ପ୍ରକାରର ଆନନ୍ଦଦାୟକ ପଦ୍ଧତି ବିକାଶ କରିପାରନ୍ତି । ଉଦାହରଣସ୍ୱରୂପ, (S) ଅକ୍ଷର ଏକ ସର୍ପ ପରି ବା (Q) ଅକ୍ଷର ଏକ ବେଲୁନ୍ ପରି ଦେଖାଯାଏ ବୋଲି ପିଲାମାନଙ୍କୁ କୁହାଯାଇପାରେ । ସେହିପରି ହିନ୍ଦୀ ଅକ୍ଷରକୁ ଜଣେ ପେଟୁଆ ବ୍ୟକ୍ତି ସହ ତୁଳନା କରାଯାଇପାରେ । ବିଭିନ୍ନ ଖେଳ ମାଧ୍ୟମରେ ଲେଖାରେ ବିଭିନ୍ନ ସମସ୍ୟା ଯଥା ଶବ୍ଦଗୁଡିକ ମଧ୍ୟରେ ଦୂରତା, ଅକ୍ଷରର ଆକାର ଏକ ସରଳ ରେଖାରେ ସଜାଇ ଲେଖିବା ଇତ୍ୟାଦିର ଉନ୍ନତି ଆଣିବା ସମ୍ଭବ ହୋଇଥାଏ । ଉଦାହରଣସ୍ୱରୂପ ଅକ୍ଷରର ଆକାର ସମ୍ବନ୍ଧୀୟ ସମସ୍ୟା ସମାଧାନ ପାଇଁ ଶିକ୍ଷକ ନିର୍ଦ୍ଦିଷ୍ଟ ଆକାରର ବୃତ୍ତି ଅଙ୍କନ କରି ପିଲାମାନଙ୍କୁ ସେଗୁଡିକ ମଧ୍ୟରେ ଅକ୍ଷର ଲେଖି ପୂରଣ କରିବାକୁ କହିବେ । ପିଲାମାନଙ୍କୁ ଅର୍ଥପୂର୍ଣ୍ଣ ଛୋଟ ଅନୁଚ୍ଛେଦ ଦିଆଯାଇ ଏହାର ଆଧାରରେ ଅକ୍ଷର ଓ ଶବ୍ଦ ସମ୍ବନ୍ଧୀୟ ବିଭିନ୍ନ ଅଭ୍ୟାସ ମୂଳକ ପ୍ରଶ୍ନ ତିଆରି କରାଯାଇପାରେ । ଉଦାହରଣ ସ୍ୱରୂପ ସମସ୍ତ ଅକ୍ଷର ମଧ୍ୟରୁ ଲମ୍ବ ଭାବେ ଦଣ୍ଡାୟମାନ ରେଖାକୁ ନେଇ ଗଠନ ହୋଇଥିବା ଅକ୍ଷରଗୁଡିକୁ ଅଲଗା କରି ଲେଖିବାକୁ କହିବେ ।

### ୬.୪.୩ ହସ୍ତାକ୍ଷର ଓ ବ୍ୟକ୍ତିତ୍ୱ

କେତେକ ଶିକ୍ଷକ ବିଶ୍ୱାସ କରନ୍ତି ଯେ ଖରାପ ହସ୍ତାକ୍ଷର ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥାଏ । ତେଣୁ ସେମାନେ ପିଲାମାନଙ୍କୁ ବାରମ୍ବାର ସୁନ୍ଦର ଅକ୍ଷର ଲେଖିବାର ବିରକ୍ତିକର ଅଭ୍ୟାସ କରିବାକୁ ବାଧ୍ୟ କରିଥାନ୍ତି । ଶିକ୍ଷକମାନେ ବୁଝିବା ଆବଶ୍ୟକ ଯେ ଏଭଳି କରି ହସ୍ତାକ୍ଷରର ଉନ୍ନତି ଆଣିବା କଷ୍ଟକର, କ୍ଳାନ୍ତିକର ଏବଂ ସମ୍ପୂର୍ଣ୍ଣ ଅଣଉତ୍ପାଦନକ୍ଷମ ଅଟେ । ହସ୍ତାକ୍ଷରର ଉନ୍ନତି ବ୍ୟକ୍ତିତ୍ୱକୁ ପ୍ରଭାବିତ କରି ନଥାଏ ବା ବ୍ୟକ୍ତିତ୍ୱର ବିକାଶରେ ସହାୟକ ହୋଇ ନ ଥାଏ । ହସ୍ତାକ୍ଷରର ଉନ୍ନତି ଆଣିବାର ପ୍ରଚେଷ୍ଟା ପିଲାମାନଙ୍କୁ ଲିଖନ ପ୍ରତି ବିମୁଖ କରିଥାଏ । ଏଣୁ ବିଭିନ୍ନ ଆଗ୍ରହପ୍ରଦ କାର୍ଯ୍ୟ ସାହାଯ୍ୟରେ ଅର୍ଥପୂର୍ଣ୍ଣ ଲିଖନକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ ।

### ୬.୪.୪- ପଠନଜନିତ ଅସୁବିଧା ଏବଂ ଅନ୍ୟ ଅକ୍ଷମତାର ସୂଚକ ଭାବେ ହସ୍ତାକ୍ଷର

ପଠନ ଜନିତ ଅସୁବିଧା ପଠନ ବିଶୃଙ୍ଖଳାକୁ ସୂଚିତ କରେ । ପ୍ରାୟ ପ୍ରତ୍ୟେକ ବ୍ୟକ୍ତିଙ୍କଠାରେ ଏପରି

ବିଶୃଙ୍ଖଳା ଦେଖାଯାଇଥାଏ । ଆମେ ସମସ୍ତେ ପଢ଼ିବାରେ ଭୁଲ୍ କରିଥାଉ । ମାତ୍ର ଖୁବ୍ କମ ପିଲାଙ୍କ ପାଖରେ ଏପରି ଗୁରୁତର ପଢ଼ିବା ସମସ୍ୟା ଦେଖାଯାଇଥାଏ । ଯେଉଁ ପିଲାମାନଙ୍କର ଯଥେଷ୍ଟ ସାହାଯ୍ୟ ସତ୍ତ୍ୱେ ବି ଲିଖନରେ ଅତ୍ୟଧିକ ସମସ୍ୟା ଥାଏ ସେମାନେ ପଠନ ସମସ୍ୟାର ଅନ୍ତର୍ଭୁକ୍ତ ହୋଇଥାନ୍ତି । ସେମାନେ ଛବିଟିକୁ ପୁରା ଭାବରେ ଦେଖିପାରୁଥିଲେ ବି ତା'ର ବିଭିନ୍ନ ଅଂଶକୁ ଅଲଗା ଭାବରେ ଦେଖିପାରି ନ ଥାନ୍ତି । ଦୁଇମୁଣ୍ଡ ବିଶିଷ୍ଟ ପଦାର୍ଥ ପରିଚାଳନା ତାଙ୍କ ପାଇଁ କଷ୍ଟକର ହୋଇଥାଏ । ଏହା ଲିଖନ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି କରିଥାଏ । ପଠନ ବିଶୃଙ୍ଖଳା ଥିବା ବ୍ୟକ୍ତି ବିଶେଷଙ୍କର ହସ୍ତାକ୍ଷର ସାଧାରଣତଃ ସହଜରେ ପଢ଼ିହୁଏ ନାହିଁ । କାରଣ ଅକ୍ଷରଗୁଡ଼ିକର ଆକାର ସମାନ ନ ଥାଏ ଓ ସେମାନଙ୍କର ମଧ୍ୟରେ ଅସାମଞ୍ଜସ୍ୟ ପରିଲକ୍ଷିତ ହୋଇଥାଏ । ଏପରିକି ସେପରି ଲେଖାକୁ କପି କରି ଲେଖିବା ମଧ୍ୟ କଷ୍ଟକର ହୋଇଥାଏ । ଏକ ଅତିରିକ୍ତ ଉପାଦାନ ଭାବେ ପିଲାର ଶାରିରୀକ ଅବସ୍ଥିତି ମଧ୍ୟ ଲିଖନକୁ ପ୍ରଭାବିତ କରିଥାଏ ।



ଟିପ୍ପଣୀ

ଦୁର୍ବଳ ଲିଖନ ଦକ୍ଷତା ପାଇଁ ରୁଗ୍ଣ ପେଶୀଚାଳନା ଦକ୍ଷତା ଓ ସଂଗଠନ, କମ ଦକ୍ଷତାପୂର୍ଣ୍ଣ ଦର୍ଶନ ଅନୁଭୂତି ସହିତ ଅନ୍ୟାନ୍ୟ ଅବସ୍ଥା ପଠନ ବିଶୃଙ୍ଖଳା ପାଇଁ ଦାୟୀ । ଏପରିକି ଯଦି ଏହି ବିଶୃଙ୍ଖଳକୁ ଜଣେ ଦେଖିପାରେ ତଥାପି ସିଦ୍ଧାନ୍ତରେ ପହଞ୍ଚି ପାରିବ ନାହିଁ । ତେଣୁ ଏଥି ନିମିତ୍ତ ଆମକୁ ବୃତ୍ତିଗତ ଚିକିତ୍ସାକାରୀଙ୍କ ସହାୟତା ନେବାକୁ ହେବ ସେତେବେଳେ ଜଣେ ପିଲା ସ୍ୱତନ୍ତ୍ର ସହାୟତା ଆବଶ୍ୟକ କରିଥାଏ ।

## ନିଜ ପ୍ରଗତିକୁ ପରଖି ଦେଖ -୩

୧. ପଠନ ବିଶୃଙ୍ଖଳା ଥିବା ବ୍ୟକ୍ତି ଜଣକ

କ) ସର୍ବଦା ପୂର୍ଣ୍ଣ ଛବିକୁ ଦେଖିଥାଏ ।

ଖ) ଛବିକୁ ଆଦୌ ଦେଖି ପାରେ ନାହିଁ ।

ଗ) ଛବିଟିର ପ୍ରତ୍ୟେକ ଅଂଶକୁ ଦେଖିଥାଏ ।

ଘ) ଆଦୌ ଛବି ଅଙ୍କନ କରିପାରେ ନାହିଁ ।

୨. ଲେଖିଲାବେଳେ ପେନସିଲ୍ ଉପରେ ହାତ ଓ ମୁଠା ସ୍ଥିତିର ପ୍ରଭାବକୁ ବିଶ୍ଳେଷଣ କର ।

..........................................................................................

..........................................................................................

୩. ଅକ୍ଷରଗୁଡ଼ିକୁ ବିଭିନ୍ନ ଉପାୟରେ ପରିଚିତ କରାଇ ଅକ୍ଷର ଲିଖନକୁ ଆଗ୍ରହପ୍ରଦ କରିବା ପାଇଁ ଉପାୟ ଚିନ୍ତା କର । ହସ୍ତାକ୍ଷର ଲିଖନ ସମସ୍ୟାଗୁଡ଼ିକୁ ଲକ୍ଷ୍ୟକରି ବିଭିନ୍ନ ଲିଖନ କାର୍ଯ୍ୟ ପ୍ରସ୍ତୁତ କର ।

..........................................................................................

..........................................................................................

୪. ଭାବି ନିଅ ଯେ ତୁମ ଶ୍ରେଣୀର ଜଣେ ପିଲା ଯିଏକି ଅନିୟମିତ ଭାବରେ ଶବ୍ଦଗୁଡ଼ିକୁ ଲେଖେ ଏବଂ ତାହାର ହସ୍ତାକ୍ଷର ଅସ୍ପଷ୍ଟ । ତୁମେ କଣ କରିବ ବର୍ଣ୍ଣନା କର ।

..........................................................................................

..........................................................................................

## ୬.୫ ସୁନ୍ଦର ଲିଖନର ବୈଶିଷ୍ଟ୍ୟ

ଆମର ଲିଖିତ ଭାଷା ନିର୍ଦ୍ଦିଷ୍ଟ ବନାନ ଓ ବ୍ୟାକରଣ ନିୟମକୁ ନିଶ୍ଚିତ କରିବା ଆବଶ୍ୟକ । କଥା କହିଲା ବେଳେ ତା'ର ଅର୍ଥକୁ ପ୍ରାଞ୍ଜଳ କରିବା ପାଇଁ ଆମ ନିକଟରେ ସୁଯୋଗ ଥାଏ, ଯାହା ଶ୍ରୋତାକୁ ଆମ କଥା ବୁଝିବାରେ ସାହାଯ୍ୟ କରିଥାଏ । ମାତ୍ର ଲିଖନ କ୍ଷେତ୍ରରେ ଏପରି ସୁଯୋଗ ନଥାଏ । କଥାରେ ବ୍ୟବହୃତ ହେଉଥିବା ଭାଷା ଲେଖି ଶିଖିବାର ଆଧାର ହୋଇଥିବାରୁ ପିଲାର ଲେଖି ଶିଖିବାରେ କେତେକ ସମସ୍ୟା ସୃଷ୍ଟି କରୁ ଥିବା ଏ ଦୁଇ ପ୍ରକାର ଭାଷା ମଧ୍ୟରେ ଥିବା ତାରତମ୍ୟକୁ ବିଚାର କରିବା ସହଜ ହୋଇଥାଏ । ଲିଖିତ ଭାଷାର କେତେକ ଲକ୍ଷଣ ଯାହା କଥିତ ଭାଷାରେ ରହିଥାଏ ଯଥା ବନାନ, ବିରାମ ଚିହ୍ନ ଇତ୍ୟାଦିକୁ ଯଦି ପ୍ରଥମରୁ ଅଧିକ ଗୁରୁତ୍ୱ ଦିଆଯାଏ ତେବେ ପିଲାମାନେ ଲିଖନ ପ୍ରତି ନିରୁତ୍ସାହିତ ହୋଇଥାନ୍ତି । ତେଣୁ ପିଲାମାନଙ୍କୁ ପ୍ରଥମରୁ ସେମାନଙ୍କର ଇଚ୍ଛା ମୁତାବକ ଲିଖନ କାର୍ଯ୍ୟ କରିବାର ସୁଯୋଗ ଦେବା ଗୁରୁତ୍ୱପୂର୍ଣ୍ଣ ।

ଭାଷା ଶିକ୍ଷାର ୪ଟି ଦକ୍ଷତା ମଧ୍ୟରୁ ଲିଖନ ଦକ୍ଷତା ସବୁଠାରୁ କଷ୍ଟକର ଅଟେ । ଏହା ଶବ୍ଦ, ବ୍ୟାକରଣ ଓ ବାକ୍ୟ ଗଠନରେ ଯଥେଷ୍ଟ ଦକ୍ଷତା ଆବଶ୍ୟକ କରିଥାଏ । ପିଲାମାନେ ଛୋଟ ଛୋଟ ପଂକ୍ତି ଲେଖିବା ଶିଖୁଥିବା ବେଳେ ବିଭିନ୍ନ ବାକ୍ୟ ମଧ୍ୟରେ ସମ୍ପର୍କ ସ୍ଥାପନ କରିବା ଜ୍ଞାନ ହାସଲ କରିଥାନ୍ତି । ଏହା ଲେଖାର ଅର୍ଥ ପ୍ରକାଶ କରିବାରେ ସାହାଯ୍ୟ କରିଥାଏ । ଭାଷାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେଉଛି ଏହାର ଅର୍ଥ, କିନ୍ତୁ ଲିଖନ ସମୟରେ ଏଥିପ୍ରତି ଅଧିକ ସଚେତନ ହେବା ଆବଶ୍ୟକ କାରଣ କୌଣସି କ୍ଷେତ୍ରରେ ଲେଖାରେ ଯଦି ଜଣାଇବାକୁ ଚାହୁଁଥିବା କିଛି କଥା ପରିଷ୍କାର ଭାବରେ ପାଠକ ନିକଟରେ ପହଞ୍ଚିବାରେ ଅସୁବିଧା ହୁଏ, ତେବେ ସେ ସମ୍ବନ୍ଧରେ ଅଧିକ ସ୍ପଷ୍ଟିକରଣ ଦେବାର ସ୍ଥାନ ନ ଥାଏ । ଲିଖନର ଏକ କାର୍ଯ୍ୟ ହେଉଛି ବାକ୍ୟଗୁଡିକ ମଧ୍ୟରେ ସମ୍ପର୍କ ସ୍ଥାପନ କରି ତା'ର ସମ୍ପୂର୍ଣ୍ଣ ଅର୍ଥ ପ୍ରକାଶ କରିବା । ଲିଖନର ଲକ୍ଷ୍ୟ ଅର୍ଥପୂର୍ଣ୍ଣ ମାଧ୍ୟମରେ ମନର ଭାବକୁ ପରିପ୍ରକାଶ କରିବା । ସମୟ ସମୟରେ ଶ୍ରେଣୀ କକ୍ଷରେ ନିର୍ଭୁଲ ଲିଖନ ଉପରେ ଆବଶ୍ୟକତାଠାରୁ ଅଧିକ ପ୍ରାଧାନ୍ୟ ଦେବା ଦ୍ୱାରା ଲିଖନର ପ୍ରକୃତ ଲକ୍ଷ୍ୟ ସାଧିତ ହୋଇପାରେ ନାହିଁ ।

### ୬.୫.୧ ବ୍ୟାକରଣଗତ ଶୁଦ୍ଧ ଭାଷା

ପିଲାମାନଙ୍କର ଲେଖାକୁ ମୂଲ୍ୟାୟନ କରିବା ସମୟରେ ବନାନ ଓ ବ୍ୟାକରଣଗତ ତ୍ରୁଟିକୁ ଖୋଜିଥାନ୍ତି । ମାତ୍ର ଏହା ଜାଣିବା ଆବଶ୍ୟକ ଯେ ଲିଖନ ଓ କଥନ ସମୟରେ ପିଲାମାନେ ଭୁଲ୍ କରିବା ସ୍ୱାଭାବିକ । ଆମ୍ଭମାନଙ୍କ ମଧ୍ୟରୁ କେହି ବି ପ୍ରଥମରୁ ପୁରାପୁରି ସଠିକ୍ ଭାବରେ କଥନ ଲିଖନ କରିପାରି ନଥାନ୍ତି । ଜଟିଳ ବାକ୍ୟ ଗଠନ କଲା ବେଳେ ଅଧିକ ଭୁଲ୍ ହେବାର ସମ୍ଭାବନା ଥାଏ ।

ଏହା ବିଚାର କରିବା କଥା ଯେ ଭାଷାର ଉଚ୍ଚାରଣ ଓ ଲିଖନରେ ତାର ସମାନ ପ୍ରତିଫଳନ ସବୁ ସମୟରେ ହୋଇ ନ ଥାଏ । ଭିନ୍ନଭିନ୍ନ ପିଲା ଭିନ୍ନ ଭିନ୍ନ ପ୍ରକାରରେ ଲେଖିବା ସ୍ୱାଭାବିକ । ପୁଣି ଭାଷା କ୍ଷେତ୍ରରେ ସାମାଜିକ ଓ ଆଞ୍ଚଳିକ ବିଭିନ୍ନତା  ଦେଖାଯାଏ । ଗୋଟିଏ ଶବ୍ଦ ଭିନ୍ନ ସାମାଜିକ ପରିବେଶରେ ଭିନ୍ନ ଭାବରେ ଉଚ୍ଚାରିତ ହୋଇଥାଏ । ଉଦାହରଣସ୍ୱରୂପ ହିନ୍ଦି ଶବ୍ଦ 'ଶାକ୍' ଗୋଟିଏ ସମ୍ପ୍ରଦାୟରେ 'ସାକ୍'

ବୋଲି ଉଚ୍ଚାରିତ ହୁଏ, ପିଲାମାନେ ସ୍ୱାଭାବିକ ଭାବରେ 'ଶ' ଅକ୍ଷରକୁ 'ସ' ବଦଳରେ ଲିଖନ ବେଳେ ବ୍ୟବହାର କରିଥାନ୍ତି । ଏହାକୁ ଏକ ଗର୍ହିତ ଅପରାଧ ଭାବେ ବିଚାର ନ କରି ଏହା ଶିକ୍ଷଣ ପ୍ରକ୍ରିୟାର ଏକ ଅଂଶ ବୋଲି ଭାବିବା ଉଚିତ୍ ।

ବ୍ୟାକରଣ ପାଇଁ ମଧ୍ୟ ସମାନ ଉଦାହରଣ ଦିଆଯାଇପାରେ । ହିନ୍ଦି କହିଲା ବେଳେ ଅନେକ ସମ୍ପ୍ରଦାୟରେ କ୍ରିୟାର ଲିଙ୍ଗଗତ ପ୍ରଭେଦ ରଖନ୍ତି ନାହିଁ । ପିଲା ତଥା ପିତାମାତା ସମ୍ମୁଖରେ ଆମେ ଯଦି ଏପରି ଭୁଲ୍‌କୁ ଗୁରୁତ୍ୱ ଦେବା ସେମାନେ ନିରୁତ୍ସାହିତ ହେବେ । ଏମିତି ବି ଦେଖାଯାଏ ଯେ ଏଭଳି ପରିସ୍ଥିତରେ ପିଲାମାନେ ପାଠପଢ଼ା ଛାଡି ଦେଇଥାନ୍ତି ।

ପିଲାମାନଙ୍କୁ ନିର୍ଭୁଲ ବନାନ ଓ ବ୍ୟାକରଣ ଶିକ୍ଷା ଦେବାବେଳେ ସେମାନଙ୍କୁ ପଢ଼ିବା ପାଇଁ ଆନନ୍ଦଦାୟକ ଓ ଆହ୍ୱାନମୂଳକ ଲିଖିତ ଜିନିଷ ପଢ଼ିବାକୁ ଦିଆଯାଇ ଭିନ୍ନ ଭିନ୍ନ ବିଷୟରେ ଲେଖିବା ପାଇଁ ଉତ୍ସାହିତ କହିବା ଦରକାର । ନିର୍ଭୁଲ୍ ବନାନ ଓ ବ୍ୟାକରଣ ଭାଷାଶିକ୍ଷାର ଏକମାତ୍ର ଲକ୍ଷ୍ୟ ନୁହେଁ । ବରଂ ଅର୍ଥପୂର୍ଣ୍ଣ ସମାପ୍ତ ଫଳପ୍ରଦ, ଆନନ୍ଦଦାୟକ ତଥା ସନ୍ତୋଷଜନକ ଭାବ ଆଦାନପ୍ରଦାନକୁ ସାମିଲ କରିଥାଏ ।

## ୬.୫.୨ ପାଠକ ସାବଲିଳତା ଓ ସ୍ୱଚ୍ଛତାକୁ ମନରେ ରଖିବା

ଆମେ ଯାହା କିଛି ଲେଖୁ ତାହା ପଢ଼ିବା ଉଦ୍ଦେଶ୍ୟରେ ଲେଖିଥାଉ । ଏପରିକି ତାହା ଅନ୍ୟମାନଙ୍କ ପାଇଁ ନ ହେଲେ ବି ଆମ ନିଜ ପାଇଁ ହୋଇଥାଏ । ପାଠକକୁ ମନ ମଧ୍ୟରେ ରଖି ଆମେ ଆମର ଲେଖାର ପରିବର୍ତ୍ତନ କରିଥାଉ । ସେହି ଅନୁସାରେ ଲେଖାର ଶୈଳୀ, ବ୍ୟାକରଣ ଓ ଶବ୍ଦ ଚୟନ କରି ବ୍ୟବହାର ହୋଇଥାଏ । ଏସବୁ ମନରେ ରଖି ଶ୍ରେଣୀ କକ୍ଷରେ ବିଭିନ୍ନ ପ୍ରକାର କାର୍ଯ୍ୟ ମାଧ୍ୟମରେ ପିଲାମାନଙ୍କୁ ପାଠକମାନଙ୍କ ସମ୍ବନ୍ଧରେ ସଚେତନ କରାଯାଇଥାଏ । ପାଠକମାନଙ୍କ ସମ୍ପର୍କରେ ଚିନ୍ତା କରିବାର ସୁଯୋଗ ସୃଷ୍ଟି କରିବା ପାଇଁ ପିଲାମାନେ ଲିଖନ କାର୍ଯ୍ୟରେ ପ୍ରବୃତ୍ତ ହେବା ପୂର୍ବରୁ କିଛି ପ୍ରଶ୍ନ ତିଆରି କରି ଦିଆଯାଇପାରେ । ଏହିପରି ଭାବରେ ପିଲାମାନଙ୍କୁ ପାଠକଙ୍କୁ ମନରେ ରଖି ଭିନ୍ନ ଭିନ୍ନ ପାଠକଙ୍କ ପାଇଁ ଭିନ୍ନ ଭିନ୍ନ ଲେଖା ଲେଖିବାକୁ ଉତ୍ସାହିତ କରିବା ଆବଶ୍ୟକ । ଉଦାହରଣସ୍ୱରୂପ ତୁମେ ତୁମ ପାଠପଢ଼ା ଓ ପରୀକ୍ଷା ସମ୍ବନ୍ଧରେ ତୁମର ପିତାମାତାଙ୍କୁ ଚିଠି ଲେଖିବା ଓ ସାଙ୍ଗକୁ ଚିଠି ଲେଖିବା କେବେ ଏକାଭଳି  ହୋଇ ନ ଥାଏ ।

### ସାବଲିଳତା ଏବଂ ସଂକ୍ଷିପ୍ତତା

ସାବଲିଳତା ଏବଂ ସଂକ୍ଷିପ୍ତତା ଏ ଦୁଇଟି ଲିଖନର ଆବଶ୍ୟକୀୟ ଗୁଣ ଅଟେ କାରଣ ତାହା ଦ୍ୱାରା ଲେଖକ ପାଠକକୁ ଯାହା ଜଣାଇବାକୁ ଚାହିଁଥାନ୍ତି ତାହାକୁ ନିର୍ଦ୍ୱନ୍ଦରେ ଓ କମ୍ ପରିଶ୍ରମରେ ଜଣାଇ ଦେଇ ପାରିଥାନ୍ତି । ପ୍ରାଞ୍ଜଳ ଏବଂ ସଂକ୍ଷିପ୍ତ ଲେଖା ପାଇଁ ପିଲାମାନଙ୍କର କେବଳ ଲେଖକ ଭାବରେ ନୁହେଁ ପାଠକ ଭାବରେ ମଧ୍ୟ ଅଭିଜ୍ଞତା ଅର୍ଜନ କରିବା ଆବଶ୍ୟକତା ରହିଛି । ପଠନ ମଧ୍ୟରେ ଭିନ୍ନ ଭିନ୍ନ ଲେଖକ ପାଠକମାନଙ୍କର ମନକୁ ପାଇଲା ଭଳି ଲେଖିବା ଶୈଳୀ ବା ପଦ୍ଧତି ବିଷୟରେ ଜାଣିହୁଏ ।

ସଂକ୍ଷିପ୍ତ ଏବଂ ପ୍ରାଞ୍ଜଳ ଲିଖନ ପାଠକକୁ ଆମେ କଣ ଜଣାଇବାକୁ ଚାହୁଁଛେ, ଆମେ ଉପସ୍ଥାପନା କରିବାକୁ ଥିବା ଧାରଣାଗୁଡିକ ମଧ୍ୟରେ ସମ୍ପର୍କ ଓ ଆମର ଉପସ୍ଥାପନର ଦୃଷ୍ଟିକୋଣ ସମ୍ବନ୍ଧରେ ଆଗୁଆ ଯୋଜନା ଉପରେ ନିର୍ଭର କରେ । ପିଲା ଯାହା ଲେଖିଲା ତାକୁ ସମୀକ୍ଷା କରି ଆବଶ୍ୟକୀୟ ପରିବର୍ତ୍ତନ

ଟିପ୍ପଣୀ

କରିବା ପାଇଁ ତାକୁ ଯଥେଷ୍ଟ ସୁଯୋଗ ଦିଆଯିବା ଆବଶ୍ୟକ । ଯଦି ପିଲାମାନଙ୍କୁ ନିଜ ଲେଖାକୁ ପଢି ସଂଶୋଧନ କରିବାକୁ ସମୟ ଦିଆଯାଏ ତେବେ ସେମାନଙ୍କର ଲିଖନ ଦକ୍ଷତାର ବହୁ ପରିମାଣରେ ବୃଦ୍ଧି ଘଟିଥାଏ । ପିଲାମାନଙ୍କର ଲେଖାକୁ ସଂଶୋଧନ କରିବାକୁ ଯାଇ ସେଥିରେ ଶିକ୍ଷକଙ୍କ ଦ୍ୱାରା ଦିଆଯାଉଥିବା ନାଲି କାଳି ଗାର ପିଲାମାନଙ୍କୁ ଅନେକାଂଶରେ ନିରୁତ୍ସାହିତ କରିଥାଏ ।

## ୬.୫.୩ ସରଳ ବନାମ ଆଳଙ୍କାରିକ ଭାଷା

ସାଧାରଣ ଭାବେ ବିଶ୍ୱାସ କରାଯାଏ ଯେ ଆଳଙ୍କାରିକ ଭାଷା ବଡ଼ ବଡ଼ ଶବ୍ଦ ଓ ବାକ୍ୟ ବ୍ୟବହାର କରାଯାଇ ଯାହା ଲେଖାଯାଏ ଓ ତାହା ଉଚ୍ଚକୋଟୀର ହୋଇଥାଏ ।

ଯଦିଓ ସମୟ ସମୟରେ ଏଭଳି ଲେଖା ଗଭୀର ଜ୍ଞାନସମ୍ପନ୍ନ ଓ ପ୍ରେରଣାଦାୟକ ବୋଲି ଧାରଣା ସୃଷ୍ଟି ହୁଏ ତେବେ ଏହା ନିଜର ଉଦ୍ଦେଶ୍ୟ ହରାଏ ଯେତେବେଳେ ଏହା ପାଠକଙ୍କୁ ସୂଚିତ କରିବା ପରିବର୍ତ୍ତେ ଦ୍ୱନ୍ଦ ସୃଷ୍ଟି କରେ । ଯେଉଁ ଲେଖା ପାଠକ ମନରେ ଦ୍ୱନ୍ଦ ସୃଷ୍ଟି ନକରି ତା'ର ଅର୍ଥକୁ ପରିଷ୍କାର ଭାବରେ ବୁଝିବାର ସାହାଯ୍ୟ କରେ, ତାହା ଉତ୍ତମ ଲେଖା ଅଟେ । ଉତ୍ସାହିତ କରିବା ଆବଶ୍ୟକ ଯାହା ଦ୍ୱାରା ତା'ର ଅର୍ଥ ସୁସ୍ପଷ୍ଟ ଭାବରେ ବୁଝି ହେବ ।

ଜଣଙ୍କର ଲେଖା ଅନ୍ୟମାନଙ୍କ ମନରେ କେତେ ଭଲ ଧାରଣା ସୃଷ୍ଟି କରିପାରିଲା ତାହାର ଗୁରୁତ୍ୱ ଅପେକ୍ଷା ଜଣେ ନିଜ ମନର ଭାବକୁ କେତେ ପରିମାଣରେ ପ୍ରକାଶ କରିପାରିବାରେ ଦକ୍ଷ ତାହା ଗୁରୁତ୍ୱପୂର୍ଣ୍ଣ ।ଏହାର ଅର୍ଥ ନୁହେଁ ଯେ କେବଳ ସରଳ ଲେଖା ହିଁ ଉତ୍ତମ ଲେଖା । ପିଲାମାନଙ୍କର ଶବ୍ଦ ଜ୍ଞାନ ପଠନ ଏବଂ ଭାଷା ସମ୍ପର୍କୀତ ଅଭିଜ୍ଞତା ଦ୍ୱାରା ବୃଦ୍ଧି ଲାଭ କରିଥାଏ । ତେଣୁ ସେମାନେ କିଛି ସାଧାରଣ ଶବ୍ଦ ବ୍ୟବହାର କରିବା ସ୍ୱାଭାବିକ । ଯେ ପର୍ଯ୍ୟନ୍ତ ଏଭଳି ଶବ୍ଦର ବ୍ୟବହାର ପ୍ରସଙ୍ଗ ଉପଯୋଗୀ ହୋଇଥାଏ, ସେ ପର୍ଯ୍ୟନ୍ତ ଏହାର ବ୍ୟବହାର କରିବା ପାଇଁ ପିଲାମାନଙ୍କୁ ଉତ୍ସାହିତ କରିବା ଆବଶ୍ୟକ । ନିଜର ଭାବନାକୁ ପ୍ରକାଶ କରିବା ପାଇଁ ଅସରନ୍ତି ଶବ୍ଦ ଭଣ୍ଡାର ମଧ୍ୟରୁ ପସନ୍ଦ କରି ବ୍ୟବହାର କରିବା ଏକ ଭଲ କଥା । କିନ୍ତୁ ସବୁ କ୍ଷେତ୍ରରେ ଭାବର ଫଳପ୍ରଦ ଆଦାନପ୍ରଦାନକୁ ଗୁରୁତ୍ୱ ଦେବା ଆବଶ୍ୟକ । ପିଲାମାନଙ୍କୁ ସେମାନଙ୍କର ପାଠକମାନଙ୍କୁ ସମ୍ମାନ ଦେଖାଇ ସେମାନଙ୍କର ଆବଶ୍ୟକତା ଅନୁସାରେ କାର୍ଯ୍ୟ କରିବାକୁ ଓ ନିଜକୁ ଉପଯୁକ୍ତ କରି ଗଢି ତୋଳିବା ପାଇଁ ଉତ୍ସାହିତ କରିବା ଆବଶ୍ୟକ । ସେମାନଙ୍କୁ ସରଳ ଓ ସୁବୋଧ ଲିଖନରେ ଉଦାହରଣ ଦିଆଯିବା ଆବଶ୍ୟକ । ବାସ୍ତବ ସରଳ ଲେଖା ଆଳଙ୍କାରିକ ଓ ଛଳନାପୂର୍ଣ୍ଣ ଲେଖା ଅପେକ୍ଷା ସର୍ବଦା ଉତ୍କୃଷ୍ଟତର । ଏହା ଜାଣିବା ପାଇଁ ନିମ୍ନରେ ପ୍ରଦତ୍ତ(କ) ଓ (ଖ) ଅନୁଚ୍ଛେଦକୁ ତୁଳନା କର ।

କ) ଅତ୍ୟନ୍ତ ବିନୟପୂର୍ବକ ସମ୍ମାନର ସହିତ ମୁଁ ଆପଣଙ୍କୁ ଜଣାଇବାକୁ ଇଚ୍ଛୁକ ଯେ ଯଦି ଆପଣଙ୍କର ଉତ୍ତମ ହୃଦୟ ଆନନ୍ଦିତ ମନରେ ମୋତେ ଦୁଇଦିନ ଛୁଟି ମଞ୍ଜୁର କରନ୍ତି, ତେବେ ମୁଁ ଆପଣଙ୍କ କାର୍ଯ୍ୟାଳୟ ପ୍ରତି ଯଥେଷ୍ଟ କୃତଜ୍ଞ ଓ ବାଧିତ ରହିବି ।

ଖ) ଦୟାକରି ମୋତେ ଦୁଇ ଦିନ ଛୁଟି ମଞ୍ଜୁର କରନ୍ତୁ ।

ଆମେ ଆଶା କରୁଛୁ ତୁମେ ଏକମତ ହେବ ଯେ (ଖ) ଅନୁଚ୍ଛେଦ (କ) ଅନୁଚ୍ଛେଦଠାରୁ ଉତ୍କୃଷ୍ଟତର ବୋଲି ।

## ନିଜ ପ୍ରଗତିକୁ ପରଖି ଦେଖ -୪

ଟିପ୍ପଣୀ

୧. ଲିଖନର ଉଦ୍ଦେଶ୍ୟ କଣ ?

କ) ଆଳଙ୍କରିକ ଭାଷା ବ୍ୟବହାର କରିବା

ଖ) ବ୍ୟାକରଣଗତ ଶୁଦ୍ଧ ଭାଷା ବ୍ୟବହାର କରିବା

ଗ) ଶୁଦ୍ଧ ଭାବରେ ଲେଖିବା

ଘ) ଅର୍ଥପୂର୍ଣ୍ଣ ପରିପ୍ରକାଶ ତଥା ଭାବ ଆଦାନ ପ୍ରଦାନ

୨. ଉତ୍ତମ ଲେଖାର ବୈଶିଷ୍ଟଗୁଡ଼ିକ କ'ଣ ?

....................................................................................................

....................................................................................................

....................................................................................................

୩. କେଉଁଟି ଅଧିକ ଗୁରୁତ୍ୱପୂର୍ଣ୍ଣ- ଅର୍ଥପୂର୍ଣ୍ଣ ଲିଖନ ନା ଶୁଦ୍ଧ ଲିଖନ ? ଆପଣଙ୍କ ଉତ୍ତର ପାଇଁ କାରଣ ଦର୍ଶାନ୍ତୁ ?

....................................................................................................

....................................................................................................

....................................................................................................

୪. ଲେଖି ଶିଖିବା ସମୟରେ ପିଲାମାନେ କାହିଁକି ବନାନ ଓ ବ୍ୟାକରଣ ସମ୍ବନ୍ଧୀୟ ଭୁଲ୍ କରିଥାନ୍ତି ।

....................................................................................................

....................................................................................................

....................................................................................................

୫. ଏପରି ଏକ ଶିକ୍ଷଣ କାର୍ଯ୍ୟ ବିଷୟରେ ଚିନ୍ତା କର, ଯାହା ସାହାଯ୍ୟରେ ପିଲାଟିର ପ୍ରିୟ ବହିଟିକୁ ବ୍ୟବହାର କରି ଉତ୍ତମ ଲିଖନ ଦକ୍ଷତା ବୃଦ୍ଧି କରାଯାଇପାରିବ ।

....................................................................................................

....................................................................................................

....................................................................................................

୬. ଲିଖନ ଦକ୍ଷତା ବୃଦ୍ଧି ପାଇଁ ପୁନଃ ପଠନ ଓ ପୁନଃ ଲିଖନର ଭୂମିକା କଣ ?

....................................................................................................

....................................................................................................

....................................................................................................

ଟିପ୍ପଣୀ

## ୬.୬ ନିମ୍ନଶ୍ରେଣୀଗୁଡିକରେ ଲିଖନ ଦକ୍ଷତାର ବିକାଶ କରିବା

ନିମ୍ନଶ୍ରେଣୀରେ ଲିଖନ ଦକ୍ଷତାର ଉନ୍ନତି ଭାଷାର ଅନ୍ୟ ଦକ୍ଷତା ଯଥା ଶ୍ରବଣ, କଥନ ଓ ପଠନ ଦ୍ଵାରା ତିଆରି ହୋଇଥିବା ମୂଳଦୁଆ ଉପରେ ନିର୍ଭର କରିଥାଏ । ଅବଶ୍ୟ ପିଲାମାନେ ସେତେବେଳେ ସଫଳତାର ସହିତ ଲିଖନ କାର୍ଯ୍ୟ କରିପାରିବେ, ଯେତେବେଳେ ତାହା ଅର୍ଥପୂର୍ଣ୍ଣ, ପିଲାମାନଙ୍କ ପାଇଁ ପ୍ରାସଙ୍ଗିକ ବା ପ୍ରସଙ୍ଗଭିତ୍ତିକ ଏବଂ ଆନନ୍ଦଦାୟକ ହୋଇପାରିବ । ଲିଖନ ଦକ୍ଷତା ହାସଲ କରିବା ପାଇଁ କିଛି ଦଳଗତ ଓ ବ୍ୟକ୍ତିଗତ କାର୍ଯ୍ୟ ପିଲାମାନଙ୍କୁ ଦିଆଯାଇପାରେ । ନିମ୍ନରେ ଏଭଳି କେତେକ ସମ୍ଭାବ୍ୟ କାର୍ଯ୍ୟର ଅବତାରଣା କରାଗଲା ଯାହା କେବଳ ପରାମର୍ଶ ଅଟେ ।

– **ଛବି ପ୍ରସ୍ତୁତ କରଣ:** ପିଲାମାନଙ୍କୁ କୌଣସି ଦ୍ରବ୍ୟ, ଘଟଣା ବା ଏକାଧିକ ଘଟଣା ଇତ୍ୟାଦିର ଚିତ୍ର ଦିଆଯାଇ ସେମାନଙ୍କୁ ସେହି ଚିତ୍ର ବିଷୟରେ ଲେଖିବାକୁ କହିବା । ଏଭଳି ଚିତ୍ର ସାହାଯ୍ୟରେ ଅନେକ ପ୍ରକାରର ରଚନା ଲେଖାଯାଇ ପାରିବ । ସେମାନଙ୍କୁ ଗଳ୍ପ ଲେଖିବାକୁ କୁହାଯାଇପାରେ । ଛବିକୁ ବର୍ଣ୍ଣନା କରିବାକୁ କୁହାଯାଇପାରେ । ଦୁଇଟି ଚରିତ୍ର ମଧ୍ୟରୁ ଗୋଟିଏ ।

କଥାବାର୍ତ୍ତର ଲେଖିବା, ଛବିର ଶୂନ୍ୟସ୍ଥାନକୁ ପୂରଣ କରିବା ଏବଂ ପୂର୍ଣ୍ଣ ଛବିଟି ବିଷୟରେ ଲେଖିବା ପାଇଁ କୁହାଯାଇପାରେ । ପିଲାମାନଙ୍କୁ ଏକାଧିକ ଛବିକୁ ଏକାଠି ବର୍ଣ୍ଣନା କରି ଗଳ୍ପ ଲେଖିବାକୁ ମଧ୍ୟ କୁହାଯାଇପାରେ ।

– **ଦତ୍ତ ରୂପରେଖକୁ ନେଇ ଗଳ୍ପ ଲିଖନ:** ପିଲାମାନଙ୍କୁ କିଛି ଶବ୍ଦ ଓ ଖଣ୍ଡ ବାକ୍ୟ ରୂପରେ ଏକ ଗଳ୍ପର ରୂପରେଖ ଦିଆଯାଇ ତା ସହାୟ୍ୟରେ ସମ୍ପୂର୍ଣ୍ଣ ଗଳ୍ପଟିଏ ଲେଖିବାକୁ କୁହାଯାଇପାରେ ।

– **ସ୍ଵାଧିନ ଲିଖନ:** ପିଲାମାନଙ୍କର ଅଧିକ ଆଗ୍ରହ ଥିବା କୌଣସି ବିଷୟ ବସ୍ତୁ ବା ଯାହା ବିଷୟରେ ସେମାନେ ଅଧିକ କଥାବାର୍ତ୍ତ ହୁଅନ୍ତି, ତାକୁ ନେଇ କିଛି ଲେଖିବା ପାଇଁ କୁହାଯାଇପାରେ । ଏହା ଯେ କେବଳ ପିଲାର ଲିଖନ ଦକ୍ଷତା ବୃଦ୍ଧିରେ ସାହାଯ୍ୟ କରିବ ତା' ନୁହେଁ, ବରଂ ଶିକ୍ଷାଦାନ ପାଇଁ ଅଧିକ କୌଶଳ ପ୍ରୟୋଗ କରିବାକୁ ଶିକ୍ଷକମାନଙ୍କୁ ମଧ୍ୟ ସାହାଯ୍ୟ କରିବ ।

– **ବସ୍ତୁତ ଗଳ୍ପ ଲିଖନ:** ପିଲାମାନଙ୍କୁ କୌଣସି ଗଳ୍ପର ପ୍ରଥମ ଧାଡିଟି ଦିଆଯାଇ ଏହାପରେ କଣ ଘଟିବ ଚିନ୍ତା କରି ଗଳ୍ପ ଲେଖ ବୋଲି ମଧ୍ୟ କୁହାଯାଇପାରିବ ।

– **ଶ୍ରୁତ ଲିଖନ:** ଶିକ୍ଷକ କିଛି ଶବ୍ଦ ବା ବାକ୍ୟକୁ ଉଚ୍ଚସ୍ଵରରେ ଉଚ୍ଚାରଣ କରିବେ ଏବଂ ଏହା ଶୁଣି ପିଲାମାନେ ଏକାଠି ହୋଇ କିଛି ଲେଖିବେ । ଏହା ଦ୍ଵାରା ପିଲାମାନେ କଥା ସହିତ ଲିଖିତ ଶବ୍ଦର ସମ୍ପର୍କ ବିଷୟରେ ସହଜରେ ବୁଝିପାରିବେ ।

**–ଶେଷ ଅକ୍ଷର ପ୍ରଥମ:** ପିଲାମାନଙ୍କୁ ବିଭିନ୍ନ ଦଳରେ ବିଭକ୍ତ କରି ତାଙ୍କୁ ଜଣକ ପରେ ଜଣକୁ ଶବ୍ଦଗୁଡ଼ିକୁ ଲେଖିବାକୁ କୁହାଯିବ । ଲେଖିଲା ବେଳେ ପ୍ରଥମ ଶବ୍ଦର ଶେଷ ଅକ୍ଷରରୁ ଦ୍ଵିତୀୟ ଶବ୍ଦ ଆରମ୍ଭ କରିବାକୁ ହେବ । ଏହି କାର୍ଯ୍ୟ ଜରିଆରେ ଶିକ୍ଷକ ପିଲାମାନଙ୍କ ଅସୁବିଧାକୁ ଜାଣିବେ । ଶିକ୍ଷକ ସେ ବିଷୟରେ ପିଲାମାନଙ୍କୁ ସିଧାସଳଖ କିଛି କହିବେ ନାହିଁ ।

– **ଧ୍ଵନିମେଳ ଶବ୍ଦ:** ଗୋଟିଏ ଦତ୍ତ ଶବ୍ଦର ଧ୍ଵନିମେଳ ଶବ୍ଦଗୁଡ଼ିକ କରିବା ପାଇଁ ପିଲାକୁ କହିବା ।

ପିଲାମାନଙ୍କୁ ଲିଖନ ଶିକ୍ଷା ଦେବା ସମୟରେ ଶିକ୍ଷକ ସେମାନଙ୍କୁ ନିଜ ନିଜର ମତାମତ ପ୍ରକାଶ କରିବାର ସୁଯୋଗ ଦେବା ଆବଶ୍ୟକ । ପିଲାମାନଙ୍କୁ କିଛି ନମୁନା ରଚନା ମୁଖସ୍ତ କରିବା ପାଇଁ ବାଧ୍ୟ କରିବାର ଅଭ୍ୟାସ ଖୁବ୍ ବିପଦଜନକ ଅଟେ । ଏହା ପିଲାମାନଙ୍କର ଅନ୍ୟର ବିନା ସହାୟତାରେ ନିଜେ ଲେଖିବା ଆଗ୍ରହକୁ ନଷ୍ଟ କରିଥାଏ । ଯଦି ପିଲାମାନଙ୍କୁ ନିଜ ଧାରଣା ଓ ଭାବନାକୁ ସ୍ୱାଧିନ ଭାବରେ ଲିଖନ ମାଧ୍ୟମରେ ପ୍ରକାଶ କରିବାର ସୁଯୋଗ ଦିଆଯାଏ ସେମାନେ ସ୍ୱାଧିନ ଭାବରେ ଲିଖନ କାର୍ଯ୍ୟ କରିବାକୁ ସକ୍ଷମ ହେବେ ।



ଟିପ୍ପଣୀ

## ନିଜ ପ୍ରଗତିକୁ ପରଖି ଦେଖ -୫

୧.ପିଲାମାନଙ୍କୁ ଲିଖନ ଶିକ୍ଷା ଦେବା ସମୟରେ କଣ କରିବା ଉଚିତ୍ ?

କ) ପିଲାମାନଙ୍କୁ କୌଣସି ନିର୍ଦ୍ଦିଷ୍ଟ ବିଷୟକୁ ସ୍ମରଣ ରଖି ଲେଖିବାକୁ କହିବା ଉଚିତ୍ ।

ଖ) ପିଲାମାନଙ୍କୁ ବର୍ଣ୍ଣମାଳା ଲେଖିବାକୁ କହିବା ଉଚିତ୍ ।

ଗ) ପିଲାମାନଙ୍କୁ ସେମାନଙ୍କର  ନିଜସ୍ୱ ଭାବନାକୁ ଲେଖିବାକୁ ସୁଯୋଗ ଦେବା ଉଚିତ୍ ।

ଘ) ପିଲାମାନଙ୍କୁ ଗୋଟିଏ ଅକ୍ଷର ବାରମ୍ବାର ଲେଖିବାକୁ କହିବା ଉଚିତ୍ ।

୨. ଧ୍ୱନିମେଳ ଶବ୍ଦଗୁଡିକ ଲିଖନ ଶିକ୍ଷାରେ କିପରି ସାହାଯ୍ୟ କରିଥାଏ ବର୍ଣ୍ଣନା କର ।

............................................................................................................

............................................................................................................

............................................................................................................

............................................................................................................

୩. ପ୍ରାଥମିକ ଶ୍ରେଣୀରେ ଲିଖନ ଶିକ୍ଷା ଦାନ ପାଇଁ ଦିଆଯାଇଥିବା କାର୍ଯ୍ୟଗୁଡିକର ପ୍ରାକ୍ ପରୀକ୍ଷା ଶ୍ରେଣୀରେ କରନ୍ତୁ ।

............................................................................................................

............................................................................................................

............................................................................................................

୪.ପିଲାମାନଙ୍କୁ ଲିଖନ ଶିକ୍ଷା ଦେବା ପାଇଁ ଗଳ୍ପଭିତ୍ତିକ ଅନ୍ୟାନ୍ୟ କାର୍ଯ୍ୟ ବିଷୟରେ ଚିନ୍ତାକର ।

............................................................................................................

............................................................................................................

............................................................................................................

............................................................................................................

ଟିପ୍ପଣୀ

## ୬.୭ ଲିଖନର ଉଚ୍ଚତର ରୂପ

ଲିଖନର ଉଚ୍ଚତର ରୂପ ଯଥା ଅନୁଚ୍ଛେଦ ଲିଖନ, ପତ୍ରଲିଖନ, ରଚନା ଲିଖନ, ଗଳ୍ପ ଲିଖନ ଏବଂ କବିତା ଲିଖନ ଇତ୍ୟାଦି ପିଲାମାନଙ୍କର ଅଭିବ୍ୟକ୍ତି, ସୃଜନଶୀଳତା ଓ ଭାବର ଆଦାନପ୍ରଦାନ ଦକ୍ଷତା ବୃଦ୍ଧି ନିମିତ୍ତ ବିଦ୍ୟାଳୟରେ ଶିକ୍ଷା ଦିଆଯାଇଥାଏ । ଅନୁଚ୍ଛେଦ ଲିଖନ ପିଲାମାନଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଧ୍ୟାନକେନ୍ଦ୍ରିତ କରି କିପରି ଭାବିବା ଓ ଲେଖିବା ସେଥି ନିମିତ୍ତ ସାହାଯ୍ୟ କରିଥାଏ । ପିଲାମାନଙ୍କୁ ସଂଯୁକ୍ତ ଭାବରେ ନିଜର ଭାବପ୍ରକାଶ ଓ ରଚନା ଲିଖନର ମୂଳଭିତ୍ତି ସ୍ଥାପନ ପାଇଁ ଉତ୍ସାହିତ କରିବାକୁ ଏହା ଏକ ଭଲ କାର୍ଯ୍ୟ ଅଟେ । ପିଲାମାନଙ୍କୁ ନିଜ ଜୀବନରେ ଉପଯୋଗୀତା ଥିବା ଜିନିଷଗୁଡ଼ିକ ବିଷୟରେ ଲେଖିବାକୁ ଉପଦେଶ ଦେବା ଆବଶ୍ୟକ । ପିଲାମାନଙ୍କର ବୟସ, ଲିଖନ ଦକ୍ଷତା ଓ ବୋଧଗମ୍ୟତା ଅନୁସାରେ ଅନୁଚ୍ଛେଦ ଆକାର ଛୋଟ ବା ବଡ଼ ହୋଇପାରେ ।

**ରଚନା ଲିଖନ:** ଗୋଟିଏ ବିଷୟବସ୍ତୁ ସମ୍ବନ୍ଧରେ ଏକାଧିକ ଧାରଣାକୁ ସମ୍ବନ୍ଧିତ ଓ କ୍ରମାନୁସାରେ ଲେଖିବାକୁ ରଚନା କୁହାଯାଏ । ମୌଳିକତଃ ରଚନା ଦୁଇ ପ୍ରକାର ଯଥା ଭାବନାତ୍ମକ ଓ ଆବେଗାତ୍ମକ ସମ୍ବନ୍ଧିତ । ଗୋଟିଏ ରଚନାର ଉପକ୍ରମ, ମୁଖ୍ୟ ଭାଗ ଓ ଉପସଂହାର ଭଳି ବିଭିନ୍ନ ଭାଗ ରହିଛି । ଉକ୍ତ ଭାଗରୁ ସୂଚନା ମିଳେ ଯେ ରଚନାଟିଏ ଭାବନାର ସହଜ ପ୍ରବାହକୁ ପ୍ରତିଫଳିତ କରିବା ଆବଶ୍ୟକ । ମାତ୍ର ସେହି ଭାବନା ବିଷୟବସ୍ତୁ ସମ୍ବନ୍ଧିତ ହେବା ସହିତ ତର୍କ ସମ୍ମତ ଭାବରେ ପ୍ରବାହିତ ହେବା ମଧ୍ୟ ଆବଶ୍ୟକ । ଲେଖକ ସ୍ୱଷ୍ଟ ଏବଂ ସଙ୍ଗତ ଭାବରେ ବିଷୟ ବସ୍ତୁକୁ ଲେଖିବା ଦରକାର । ଅନୁଚ୍ଛେଦ ଅପେକ୍ଷା ରଚନା ବିଷୟବସ୍ତୁକୁ ଗଭୀର ଓ ଅପେକ୍ଷାକୃତ ଅଧିକ ବିସ୍ତାରିତ ଭାବରେ ସଂଶ୍ଳିଷ୍ଟ କରିଥାଏ ।

ରଚନାର ଗୁଣବତ୍ତା କଥା ଚିନ୍ତାକରି ଶିକ୍ଷକ ସମୟ ସମୟରେ ପିଲାମାନଙ୍କୁ ରଚନା ଉଚ୍ଚସ୍ୱରରେ ଡାକି ଦେଇଥାଆନ୍ତି, ଯାହାକୁକି ପିଲାମାନେ ମୁଖସ୍ଥ କରି ଆବଶ୍ୟକ ପଡିଲେ ଲେଖିଥାନ୍ତି । ଏପରି ଅଭ୍ୟାସ ପିଲାମାନଙ୍କର ଭାବନାକୁ ପରିପ୍ରକାଶ କରିବାର ଦକ୍ଷତାକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଥାଏ । ରଚନା ଲିଖନରେ ପିଲାମାନଙ୍କର ନିଜସ୍ୱ ଭାବନା ଓ ଅଭିଜ୍ଞତାକୁ ଗୁରୁତ୍ୱ ଦେଇ ତାହାକୁ ଲେଖା ମଧ୍ୟରେ ପ୍ରକାଶ କରିବାକୁ ସୁଯୋଗ ଦିଆଯିବା ଦରକାର ।

**ପତ୍ର ଲିଖନ:** ପାରମ୍ପରିକ ଭାବେ ଦୂରରେ ରହୁଥିବା ବ୍ୟକ୍ତିବିଶେଷଙ୍କ ନିକଟକୁ କୌଣସି ଖବର ପ୍ରେରଣ କରିବା ପାଇଁ ପତ୍ର ଲେଖା ଯାଇଥାଏ । ରଚନା ପରି ପତ୍ର(ଚିଠି)ର ଗୋଟିଏ ସ୍ୱତନ୍ତ୍ର ଭାବ ଆଦାନପ୍ରଦାନକାରୀ ଉଦ୍ଦେଶ୍ୟ ଅଛି । ତେଣୁ ପତ୍ର ଲିଖନରେ ରଚନା ପରି ବିଭିନ୍ନ ଧାରଣା/ବିନ୍ଦୁର ବର୍ଣ୍ଣନା ଆବଶ୍ୟକ ପଡି ନଥାଏ । ଅନ୍ୟ ପକ୍ଷରେ ତାହା ଭାବ ଆଦାନପ୍ରଦାନ ପାଇଁ ନିର୍ଦ୍ଦିଷ୍ଟ ଲିଖନ ଦକ୍ଷତା ଆବଶ୍ୟକ କରିଥାଏ । ଗ୍ରାହକ ସହିତ ପ୍ରେରକର ସମ୍ପର୍କ ଅନୁସାରେ ପତ୍ର ଲିଖନର ଶୈଳୀ ଭିନ୍ନ ହୋଇଥାଏ । ପତ୍ର ଲେଖିବା ସମୟରେ ଗ୍ରାହକ ଚିଠିର ବିଷୟବସ୍ତୁ ପଢି କିପରି ପ୍ରତିକ୍ରିୟା ପ୍ରକାଶ କରିବେ ତାହା ପ୍ରେରକ ବୁଝିବା ଦରକାର ।

**ଗଳ୍ପ ଲିଖନ:** ଗଳ୍ପ ଲିଖନ ପିଲାମାନଙ୍କର ଚିନ୍ତନ ଓ ଲିଖନ ଦକ୍ଷତା ବୃଦ୍ଧିରେ ସାହାଯ୍ୟ କରିଥାଏ । ଏହା ଏକ କାର୍ଯ୍ୟ ଯାହା ଯେକୌଣସି ବୟସରେ ବି ସମ୍ପାଦନା କରାଯାଇପାରେ । ପିଲାମାନେ ଯେତେବେଳେ ପ୍ରଥମ କରି ଲିଖନ ଅଭ୍ୟାସ ଆରମ୍ଭ କରିଥାନ୍ତି, ସେହି ସମୟରେ ଗଳ୍ପ ଲିଖନ କାର୍ଯ୍ୟ ଆରମ୍ଭ କରିବା ଆବଶ୍ୟକ । ଏହା ଫଳରେ ଛୋଟ ପିଲା ତଥା ବଡ ପିଲାମାନଙ୍କର ଭାବନାକୁ ଲିଖନ ମାଧ୍ୟମରେ ପ୍ରକାଶ କରି ସମୃଦ୍ଧ କରିବା ହୋଇଥାଏ । ବଡପିଲାମାନଙ୍କ କ୍ଷେତ୍ରରେ ପତ୍ରଲିଖନର ଲକ୍ଷ୍ୟ ପ୍ରାୟ ସମାନ ଅଟେ । ଏଥିରେ ଚିନ୍ତନ ଦକ୍ଷତା ସୃଜନାତ୍ମକ ସାମର୍ଥ୍ୟର ବିକାଶକୁ ଭାଷାଶିକ୍ଷା ଅପେକ୍ଷା ଅଧିକ ଗୁରୁତ୍ୱ ଦିଆଯାଇଥାଏ । ପିଲାମାନେ ଯେତେବେଳେ ବଡ଼ ହୁଅନ୍ତି ବିଭିନ୍ନ ବିଷୟକୁ ଭିନ୍ନ ପରିପ୍ରେକ୍ଷୀରେ ବିଚାର କରିଥାନ୍ତି, ସମସ୍ୟା ସମାଧାନରେ ନିୟୋଜିତ ରହନ୍ତି ଏବଂ ଲେଖାର ସୌନ୍ଦର୍ଯ୍ୟ ବିଜ୍ଞାନ ସମ୍ବନ୍ଧୀୟ ଗୁଣକୁ ପ୍ରଶଂସା କରନ୍ତି । ଏହି ଦକ୍ଷତାଗୁଡିକୁ ବିଭିନ୍ନ ପ୍ରକାରର ସାହିତ୍ୟ ଯଥା-କବିତା, ଗଳ୍ପ, ନାଟକ ଇତ୍ୟାଦି ମଧ୍ୟରେ ସମ୍ବନ୍ଧ ସ୍ଥାପନ ଦ୍ୱାରା ବୃଦ୍ଧି ଘଟିଥାଏ । ପିଲାମାନେ ଉପରଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବା ବେଳକୁ ସେମାନେ ଏହି ବିଭିନ୍ନ ପ୍ରକାରର ସାହିତ୍ୟଗୁଡିକ ସମ୍ପର୍କରେ ଜାଣିସାରିଥାନ୍ତି ଏବଂ ଏହା ସେମାନଙ୍କର ଚିନ୍ତନ ଦକ୍ଷତା ଓ ଗଳ୍ପ ଲିଖନ ଦକ୍ଷତା ବୃଦ୍ଧିରେ ସହାୟକ ହୋଇଥାଏ । ଅର୍ଥାତ ଗଳ୍ପ ଲିଖନ ସାହିତ୍ୟ ଓ ଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବାରେ ସାହାଯ୍ୟ କରେ ।

ଗଳ୍ପ ଲିଖନ ବ୍ୟତୀତ କୌଣସି ଗଳ୍ପର ଅନ୍ୟପ୍ରକାର ପରିସମାପ୍ତି କରିବା, ଗଳ୍ପର କୌଣସି ତାତ୍‌ପର୍ଯ୍ୟପୂର୍ଣ୍ଣ ଅଂଶରୁ ଗଳ୍ପଟିକୁ ଆଗକୁ ଲେଖିବା, କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଚରିତ୍ର ଦୃଷ୍ଟିକୋଣରୁ ଗଳ୍ପଟିଏ ଲେଖିବା ଇତ୍ୟାଦି କାର୍ଯ୍ୟ କରିବା ପାଇଁ ପିଲାମାନଙ୍କୁ କୁହାଯାଇପାରେ ।

**କବିତା ଲିଖନ:** ତଳଶ୍ରେଣୀ ପିଲାମାନେ ସାଧାରଣତଃ ଧ୍ୱନିମେଳ ଥିବା କବିତାଗୁଡିକ ଜାଣିଥାନ୍ତି । ଛୋଟ ପିଲାମାନେ ଧ୍ୱନିମେଳକ ଶବ୍ଦ ପିଲାଙ୍କ ମନରେ ଆଗ୍ରହ ସୃଷ୍ଟି କରେ ଓ ସ୍ୱର ସାହାଯ୍ୟରେ ଲିଖନ ଦକ୍ଷତା ବୃଦ୍ଧି କରିବାରେ ସାହାଯ୍ୟ କରେ । ତେଣୁ ଛୋଟ କବିତା ଲେଖିବା କାର୍ଯ୍ୟ ପିଲାମାନଙ୍କ ଦ୍ୱାରା କରାଯାଇପାରେ । ପିଲାମାନେ ବ୍ୟକ୍ତିଗତ ଭାବରେ ବା ଦଳଗତ ଭାବରେ ବନ୍ଧୁମାନଙ୍କୁ ସହିତ ମିଶି କବିତା ଲେଖି ପାରନ୍ତି । ଏହା ସେମାନଙ୍କ ପାଇଁ ଏକ ଆନନ୍ଦଦାୟକ କାର୍ଯ୍ୟ ହୋଇପାରେ ।

କବିତା ଲିଖନ ଉଚ୍ଚଶ୍ରେଣୀର ଏକ ଜଟିଳ କାର୍ଯ୍ୟ ହୋଇଥାଏ । କାରଣ ସେମାନେ କବିତା ସହିତ ସଂପୃକ୍ତ ସବୁକିଛିର ଅର୍ଥ ଟିକିଏ ଗଭୀର ଭାବେ ବୁଝିଥାନ୍ତି । କବିତା ଲିଖନ କାର୍ଯ୍ୟ ପିଲାମାନଙ୍କ ମଧ୍ୟରେ ଏହି ପ୍ରକାର ଲେଖିବା ସୌନ୍ଦର୍ଯ୍ୟାତ୍ମକ ପସନ୍ଦର ବିକାଶ ସହିତ ସଂଯୋଜିତ କରାଯାଇପାରିବ ।

## ନିଜ ପ୍ରଗତିକୁ ପରଖି ଦେଖ -୬

୧. ନିମ୍ନଶ୍ରେଣୀର ପିଲାମାନଙ୍କୁ କେଉଁ ପ୍ରକାର କବିତା ଜଣା ଥାଏ ?

କ) କଠିନ ଶବ୍ଦ ବ୍ୟବହାର କରାଯାଇ କବିତା

ଖ) ଭାବନାସକ କବିତା

ଗ) ଧ୍ୱନି ମେଳକ ଶବ୍ଦ ବ୍ୟବହାର କରାଯାଇଥିବା କବିତା

ଘ) ଛୋଟ କବିତା

ଟିପ୍ପଣୀ

୨. ରଚନା ଲିଖନଠାରୁ ପତ୍ର ଲିଖନ କିପରି ଅଲଗା ?

..........................................................................................

..........................................................................................

..........................................................................................

୩. "ପିଲାଙ୍କ କୌତୁହଳତା" ସମ୍ବନ୍ଧରେ ଗୋଟିଏ ଅନୁଚ୍ଛେଦ ଓ ଗୋଟିଏ ରଚନା ଲେଖ ।

..........................................................................................

..........................................................................................

..........................................................................................

୪. ବିଦ୍ୟାଳୟରେ ଶିକ୍ଷକମାନେ ଅନେକ ସମୟରେ ରଚନା ଓ ପତ୍ର ଲିଖନ କାର୍ଯ୍ୟ କରିଥାନ୍ତି ଏବଂ ପିଲାମାନେ ସେସବୁକୁ ମୁଖସ୍ଥ କରି ଆବଶ୍ୟକ ସମୟରେ ଲେଖିଥାନ୍ତି । ଏପରି କରିବା କଣ ଠିକ୍ ? ତୁମ ଉତ୍ତରର କାରଣ ଲେଖ ।

..........................................................................................

..........................................................................................

..........................................................................................

## ୬.୮ ସାରାଂଶ

ଲିଖନ ଏକ ଭାଷା ଦକ୍ଷତା । ଅନ୍ୟ ଜଣଙ୍କ ଦ୍ୱାରା ପଢିବା ଓ ବୁଝିବା ପାଇଁ ଏକ ପୃଷ୍ଠରେ ଚିହ୍ନ ତିଆରି କରିବାକୁ ଲିଖନ କୁହାଯାଏ । ପିଲାମାନଙ୍କୁ ଲିଖନ ଶିକ୍ଷା ଦେବା ସମୟରେ ସେମାନେ ଲିଖନର ପ୍ରାଥମିକ ଦକ୍ଷତା ହାସଲ କରିଛନ୍ତି ବୋଲି ନିଶ୍ଚିତ ହେବା ଗୁରୁତ୍ୱପୂର୍ଣ୍ଣ । ସେଗୁଡିକ ହେଲା ମାଂସପେଶୀ ସଞ୍ଚାଳନ ଦକ୍ଷତା, ଶାରିରୀକ ଓ ଉପବେଶନ ଭଙ୍ଗୀ ଓ ନିଜକୁ ପ୍ରକାଶ କରିବା ପାଇଁ କଥନ ଭାଷାର ବ୍ୟବହାର କରିବାର ଦକ୍ଷତା । ଲିଖନ ପାଇଁ ବ୍ୟବହୃତ ହେଉଥିବା ଦ୍ରବ୍ୟଗୁଡିକର ବ୍ୟବହାର କରି ମନର ଭାବ ପ୍ରକାଶ କରିବାର ଚେଷ୍ଟା ମାଧ୍ୟମରେ ପିଲାର ଲିଖନ ପାଇଁ ପ୍ରସ୍ତୁତି ବିଷୟ ଜଣାଯାଇଥାଏ ।

ଏହା ମନେରଖିବା ଆବଶ୍ୟକ ଯେ ପ୍ରଥମ କରି ଲିଖନ ଶିକ୍ଷା କରୁଥିବା ପିଲାମାନଙ୍କ ପାଇଁ ଲିଖନ ଅର୍ଥପୂର୍ଣ୍ଣ ହେବା ଦରକାର । କଥନ ଓ ଲିଖନ ଭାଷା ମଧ୍ୟରେ ଥିବା ପାର୍ଥକ୍ୟ ଯୋଗୁଁ ଲିଖନ ଶିକ୍ଷା କରିବା ସମୟରେ ପିଲାମାନେ ଭଲ କରିଥାନ୍ତି । ଲିଖନ ଏକ ଦକ୍ଷତା ହୋଇଥିବାରୁ ଓ ଏହା ପଠନ, କଥନ ଓ ଶ୍ରବଣ ଭଳି ଅନ୍ୟାନ୍ୟ ଦକ୍ଷତା ସହ ବିକଶିତ ହୋଇଥାଏ । ତେଣୁ ଏଗୁଡିକର ଏପରି ଭାବେ ଉନ୍ନତି ହେବା ଦରକାର ଯେପରି ପରସ୍ପର ପରସ୍ପରର ପରିପୂରକ ହେବେ ।

ହସ୍ତାକ୍ଷର ପିଲାର ବ୍ୟକ୍ତିତ୍ୱ ସମ୍ପର୍କରେ କୌଣସି ସୂଚନା ପ୍ରଦାନ କରିପାରି ନଥାଏ ଏବଂ ଖରାପ ହସ୍ତାକ୍ଷର ଅବାଞ୍ଛନୀୟ ବୋଲି କିଛି ସୂଚନା ପ୍ରଦାନ କରି ନଥାଏ । ବିଭିନ୍ନ କୌଶଳ ବ୍ୟବହାର କରି ପିଲାମାନଙ୍କର ହସ୍ତାକ୍ଷରରେ ଉନ୍ନତି ଅଣାଯାଇପାରିବ । ଲିଖନର କେତେକ ଆବଶ୍ୟକୀୟ ଗୁଣ ଯଥା ସୁସ୍ପଷ୍ଟତା,ସଂକ୍ଷିପ୍ତତା ଓ ସରଳତା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଲିଖିତ ଭାଷା କଥିତ ଭାଷା ଅପେକ୍ଷା ଭିନ୍ନ ହୋଇଥିବା



ଟିପ୍ପଣୀ

ସୃଷ୍ଟିରୁ ପିଲାମାନଙ୍କର ଲିଖନ ଦକ୍ଷତା ବୃଦ୍ଧି ଅଧିକରୁ ଅଧିକ ଲିଖିତ ବସ୍ତୁଗୁଡ଼ିକ ଅନାବୃତ୍ତକରଣ ଜରିଆରେ ହୋଇପାରିଥାଏ । ଏଭଳି ଉଭୟ ବନାନ ଓ ବ୍ୟାକରଣଗତ ତ୍ରୁଟିକୁ ସଂଶୋଧନ କରାଯାଇପାରେ । ପିଲାର ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ତା'ର ଲିଖନ ଦକ୍ଷତାର ଉନ୍ନତି ହୋଇଥାଏ । ଏଣୁ ବୟସ ବୃଦ୍ଧି ସହିତ ସେମାନଙ୍କୁ ରଚନା, ପତ୍ର, କବିତା ଇତ୍ୟାଦି ଉଚ୍ଚତର ଲିଖନ ସହିତ ପରିଚିତ କରାଇବା ଆବଶ୍ୟକ । ଏଥିପାଇଁ ଆବଶ୍ୟକ ହେଉଥିବା କିଛି ଭିନ୍ନ ଦକ୍ଷତା ସମ୍ପର୍କରେ ଶିକ୍ଷକ ସଚେତନ ହେବା ସହିତ ପିଲାମାନଙ୍କୁ ସଚେତନ କରାଇବା ବାଞ୍ଛନୀୟ ।

## ୬.୯ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚି


1. Trask, R.L. (1995). Language: the Basics. London: Routledge
2. Kroll, Barbara (2003). Exploring the Dynamics of Second Language Writing.London: Cambridge University Press.
3. Yule, George (1985). The Study of Language. London: Cambridge University Press.


## ୬.୧୦ ପାଠାନ୍ତ ପ୍ରଶ୍ନାବଳୀ

୧. ଲିଖନ ପାଇଁ ସୂକ୍ଷ୍ମ ମାସଂପେଶୀ ସଞ୍ଚାଳନ ଦକ୍ଷତା ଆବଶ୍ୟକ କାହିଁକି ?

୨. ସ୍କୁଲକୁ ଆସିବା ପୂର୍ବରୁ ପିଲାର ସ୍ୱତନ୍ତ୍ର ଲିଖନ ଦକ୍ଷତା ରହିଥାଏ । ତୁମ ଆଖପାଖରେ ଥିବା ଗୋଟିଏ ୪-୫ ବର୍ଷର ପିଲାକୁ ପର୍ଯ୍ୟବେକ୍ଷଣ କରି ଏହି ଉକ୍ତିର ଉଦାହରଣ ଦିଅ ।

୩. କଥିତ ଭାଷାର ଦ୍ରୁତ ପରିବର୍ତ୍ତନ ହେଉଥିବା ବେଳେ ଲିଖିତ ଭାଷା ଧୀରେ ଧୀରେ ପରିବର୍ତ୍ତନ ହୁଏ । ଉଦାହରଣ ସହ ବର୍ଣ୍ଣନା କର ।

୪. ଲିଖନରେ ସରଳତା, ସୁସ୍ପଷ୍ଟତା ଓ ସଂକ୍ଷିପ୍ତତାର ଗୁରୁତ୍ୱ କଣ ? ବର୍ଣ୍ଣନା କର ।

୫. ଲିଖିତ ଓ କଥିତ ଭାଷା ମଧ୍ୟରେ ପାର୍ଥକ୍ୟ କଣ ବିଶ୍ଳେଷଣ କର ।

୬. ଶିକ୍ଷଣ ଅକ୍ଷମତା ଥିବା ପିଲାମାନଙ୍କର କଣ କଣ ଲିଖନ ସମସ୍ୟା ରହିଥାଏ ?

୭. ଭାଷା ଶିକ୍ଷଣ ପାଇଁ 'ଗଳ୍ପ ଲିଖନ' ଓ 'କବିତା ଲିଖନ'ର ଭୂମିକା କଣ ବର୍ଣ୍ଣନା କର ?

## ଶିକ୍ଷଣ କାର୍ଯ୍ୟ

ପିଲାଙ୍କର ସୂକ୍ଷ୍ମ ମାସଂପେଶୀ ସଞ୍ଚାଳନ ଦକ୍ଷତା ବୃଦ୍ଧି ପାଇଁ ଆବଶ୍ୟକ ଶିକ୍ଷଣ କାର୍ଯ୍ୟଗୁଡ଼ିକ ସମ୍ପର୍କରେ ଚିନ୍ତା କର ।

ଶ୍ରେଣୀ କକ୍ଷରେ ପିଲାମାନଙ୍କର ଅଧିକ ଭାବ ଆଦାନପ୍ରଦାନ କରିବା ଦକ୍ଷତା ବୃଦ୍ଧି ପାଇଁ କିଛି ଶିକ୍ଷଣ କାର୍ଯ୍ୟ ବିଷୟରେ ଚିନ୍ତାକର । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଭିନ୍ନ ଭିନ୍ନ ପ୍ରକାରର ସାମଗ୍ରୀ କିପରି ବ୍ୟବହାର କରାଯାଇପାରିବ ?